**ଜମି ବିବାଦରୁ ଆକ୍ରମଣ: ୨ ଗୁରୁତର**

**ଖୁଣ୍ଟୁଣୀ:** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କୁଷ୍ମଙ୍କ ଗ୍ରାମରେ ଜମି ବିବାଦକୁ ନେଇ ଗୋଟିଏ ପରିବାରର ୨ ଜଣଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ସେମାନେ ଗୁରୁତର ହୋଇ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, କୁଷ୍ମଙ୍କ ଗ୍ରାମର ସତ୍ୟନାରାୟଣ ବେହେରା ଓ ବଳରାମ ବେହେରାଙ୍କ ସହିତ ତାଙ୍କ ପଡୋଶୀ ସିଲୁ ରାଉତଙ୍କ ଜମିକୁ ନେଇ ବିବାଦ ଲାଗି ରହିଥିଲା। ବୁଧବାର ଉଭୟଙ୍କ ମଧ୍ୟରେ ଝଗଡା ଲାଗିଥିଲା। ସନ୍ଧ୍ୟାରେ ସିଲୁ ପ୍ରାୟ ୧୫ ଜଣ ଯୁବକଙ୍କୁ ଡାକି ସତ୍ୟନାରାୟଣଙ୍କ ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ସତ୍ୟନାରାୟଣ ଓ ତାଙ୍କ ଭାଇ ବଳରାମ ଗୁରୁତର ହୋଇଥିଲେ। ଏ ନେଇ ସତ୍ୟନାରାୟଣ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫/୨୧) ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ପିଲା ଚୋରି ସନ୍ଦେହରେ ଜଣେ ଅଟକ

**ଚୌଦ୍ୱାର,୨୯।୧(ଡି.ଏନ୍.ଏ.):** ପିଲା ଚୋରି ସନ୍ଦେହରେ ଟିପିଏମ ଫାଣ୍ଡି ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ବିହାର ଦରଭଙ୍ଗା ଅଞ୍ଚଳର ଏକ ପରିବାର ଏହି ଫାଣ୍ଡି ଅଧୀନ ନୂଆପାଟଣା ବଜାରରେ ଘରଭଡା ନେଇ ରହିବା ସହ ଗୁପ୍‌ଚୁପ୍ ବ୍ୟବସାୟ କରନ୍ତି। ଶୁକ୍ରବାର ସକାଳେ ତାଙ୍କ ନାବାଳିକା ଝିଅକୁ ଜଣେ ବ୍ୟକ୍ତି ଚକୋଲେଟ୍ ଦେଇ ସାଙ୍ଗରେ ନେଇଯିବାକୁ ଉଦ୍ୟମ କରୁଥିବାବେଳେ ତାଙ୍କ ମା' ସୁନୀତା ଚୌଧୁରୀ ପହଞ୍ଚିଯାଇ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ସେଠାରେ ଗ୍ରାମବାସୀ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାଡ ମାରିବା ସହ ପୋଲିସ ଜିମା ଦେଇଥିଲେ। ପଚରାଉଚରା ବେଳେ ସମ୍ପୃକ୍ତ ବ୍ୟକ୍ତି କହିଥିଲେ, ତାଙ୍କ ଘର ଚୌଦ୍ୱାର ମୁଣ୍ଡମାଳ ଅଞ୍ଚଳରେ ଓ ତାଙ୍କ ସାଙ୍ଗରେ ଆହୁରି ୩ଜଣ ଆସିଥିଲେ। ଏ ନେଇ ପୋଲିସ ଅଧିକ ତଦନ୍ତ ଜାରୀ ରଖିଛି।

### ବାଦାମବାଡ଼ି ସମ୍ବାଦପତ୍ର ବିକ୍ରେତା ସଂଘର ତୀର୍ଥସ୍ଥାନ ଭ୍ରମଣ

**କଟକ ଅଫିସ, ୨୯।୧:** ବାଦାମବାଡ଼ି ସମ୍ବାଦପତ୍ର ବିକ୍ରେତା ସଂଘର ସଭ୍ୟମାନେ ଗତ ୨୬ରେ ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣରେ ଯାଇଥିଲେ। ସଂଘର ୭୦ ସଭ୍ୟ ଓ ସେମାନଙ୍କ ପରିବାରବର୍ଗ କଟକରୁ ବାହାରି ଭଟ୍ଟାରିକା, ମହାକାଳୀ, ଚନ୍ଦ୍ରେଶ୍ୱର ଚମ୍ପାନାଥ, ଦେଓଝର, ପ୍ରଗଳା, ବୁଢ଼ାବୁଢ଼ୀ ମନ୍ଦିର, ଅନୁଗୋଳର ଜଗନ୍ନାଥ ମନ୍ଦିର ଓ ଜିନ୍ଦଲ ଜଗନ୍ନାଥ ମନ୍ଦିର ବୁଲିଥିଲେ। ପରେ କମଳାଦେଇପୁର ଜଗନ୍ନାଥ ମନ୍ଦିରରେ ପ୍ରସାଦ ସେବନ କରିଥିଲେ। ସଂଘ ସଭାପତି କେଦାର ରାଉତଙ୍କ ନେତୃତ୍ୱରେ ସମ୍ପାଦକ ନିରଞ୍ଜନ ବେହେରା, ରଙ୍ଗାଧର ନାଥ, ବିଜୟ ବେହେରା, ନରହରି ମିଶ୍ର, ପଦ୍ମନାଭ ବେହେରା, ସନାତନ ବାରିକ, ବ୍ରହ୍ମାନନ୍ଦ ପରିଡ଼ା, ମଧୁ ରାଏ ପ୍ରମୁଖ ତୀର୍ଥସ୍ଥାନ ଭ୍ରମଣରେ ଯାଇଥିଲେ।

### ସାହିତ୍ୟିକ ଶରତ କରଙ୍କ ପରଲୋକ

**ମାହାଙ୍ଗା,୨୯।୧(ଡି.ଏନ.ଏ.):** ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧାପକ ଶରତ ଚନ୍ଦ୍ର କର(୭୨)ଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ କର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାଧାପକଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ପରେ ସେ ନିଜକୁ ବିଭିନ୍ନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ସହ ଜଡିତ ରଖିଥିଲେ। ନିକଟରେ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୁକ୍ରବାର ସକାଳେ ତାଙ୍କ ମରଶରୀର ଯାଜପୁର ଜିଲା ବାଲିଚନ୍ଦ୍ରପୁର ନିକଟ ପତରାଜପୁରସ୍ଥିତ ବାସଭବନରେ ପହଞ୍ଚିବା ପରେ ବଜାର ପରିକ୍ରମା କରାଯାଇ ଥିଲା। ଏହାପରେ କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ମାଣିତ୍ରୀ ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବିଧାୟକ ବିକ୍ରମ କେଶରୀ ବର୍ମା ଓ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ଶିକ୍ଷକନେତା ଡ. ଯୁଧିଷ୍ଠିର ଖଟୁଆ ଓ ସାହିତ୍ୟିକ ବିଷ୍ଣୁଚରଣ ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ପୁଷ୍ୟାଭିଷେକ ମହୋତ୍ସବ

**ଟାଙ୍ଗୀ(କଟକ),୨୯।୧(ଡି.ଏନ୍.ଏ.):** ଟାଙ୍ଗୀରେ ପ୍ରସିଦ୍ଧ ପୁଷ୍ୟାଭିଷେକ ମହୋତ୍ସବ ଆରମ୍ଭ ହୋଇଯାଇଛି। ପୌଷପୂର୍ଣ୍ଣିମା ଅବସରରେ ଟାଙ୍ଗୀର ଆରାଧ ମା' ହାଟଚଉରା, ମା' ସୁବର୍ଣ୍ଣବରାହୀ, ମଦନମୋହନଜୀଉ ଓ କୋଟେଶ୍ୱର ମହାଦେବଙ୍କ ପୀଠରେ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମା' ହାଟେଶ୍ୱରୀଙ୍କ ପୀଠରେ ଅନୁଷ୍ଠିତ ସଂକୀର୍ତ୍ତନରେ ସ୍ଥାନୀୟ ଅଞ୍ଚଳର ବହୁ କଳାକାର ଯୋଗଦେଇ କଳା ପ୍ରଦର୍ଶନ କରିଥିଲେ।

# ବସ୍ତିବାସିନ୍ଦାଙ୍କୁ ଥଇଥାନ ନିଷ୍ପତ୍ତି ବିରୋଧରେ ରାସ୍ତାରୋକୋ

**କଟକ ଅଫିସ,୨୯।୧**



କଟକ ଓଏମ୍‌ପି ଠାରେ ମହିଳା ଓ ଅନ୍ୟମାନେ ରାସ୍ତାରୋକୋ କରୁଛନ୍ତି।

- ୪ଦିନ ପାଇଁ ସାମୂହିକ ଉଚ୍ଛେଦ ବନ୍ଦ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କଟକ ଓଏମ୍‌ପି ଠାରେ ଥିବା ଷଷ୍ଠ ବାଟାଲିୟନର କ୍ୱାର୍ଟର୍ସ ଉଚ୍ଛେଦ କରି ସେଠାରେ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହାକୁ ଚାଉଳିଆଗଞ୍ଜ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ବିରୋଧ କରାଯାଇ ଓଏମ୍‌ପିଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୫ରୁ ୧୧ଟା ୩୫ ପର୍ଯ୍ୟନ୍ତ ରାସ୍ତାରୋକୋ କରାଯାଇଥିଲା। ଏହି ରାସ୍ତାରୋକୋରେ ଚାଉଳିଆଗଞ୍ଜର ବହୁ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ସାହି ମୁରବୀ, ଚାଉଳିଆଗଞ୍ଜ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କ ସହ ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ। ସେହିପରି ପୂର୍ବାଞ୍ଚଳ ଶାନ୍ତି କମିଟି, ତିନି ଘରିଆ ଅଞ୍ଚଳ ବାସିନ୍ଦା ରାସ୍ତାରୋକୋକୁ ସମର୍ଥନ କରି ସେଥିରେ ସାମିଲ ହୋଇଥିଲେ। ସ୍ଥାନୀୟ ବାସିନ୍ଦା ହାତରେ ପତାକା ଧରି ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିବା ସହ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ୧୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଅଞ୍ଚଳ ବାସିନ୍ଦାଙ୍କ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହିତ ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭସ୍ଥଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଥାନା ଅଧିକାରୀ ତାପସ ପ୍ରଧାନ କହିଛନ୍ତି। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ବିଧାୟକ ସୌଭିକ୍ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିବା ସହ ଚାଉଳିଆଗଞ୍ଜ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ର ଗ୍ରହଣ କରିଥିଲେ। ପରେ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟାକୁ ୪ଦିନ ପାଇଁ ବନ୍ଦ ରଖାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ସହ ଜିଲାପାଳଙ୍କର ଆଲୋଚନା ପରେ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ମିଶ୍ର କହିଛନ୍ତି। ଚାଉଳିଆଗଞ୍ଜ ନାଗରିକ ସୁରକ୍ଷା ମଞ୍ଚ ସଭାପତି କହିଛନ୍ତି, ଯେ ପର୍ଯ୍ୟନ୍ତ କୌଣସି ଆଲୋଚନା ନ ହୋଇଛି ସେ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ନିଷ୍ପତ୍ତି ନିଆଯାଇଛି। ଯଦି ଆଗାମୀ ଦିନରେ ଜିଲାପାଳଙ୍କ ସହ ଆଲୋଚନା ବିଫଳ ହୁଏ ତେବେ ଚାଉଳିଆଗଞ୍ଜ ନାଗରିକ ସୁରକ୍ଷା ମଞ୍ଚ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇବ।




ପଦ୍ମ ପୁରସ୍କାର ଘୋଷଣାକୁ ସ୍ୱାଗତ ଜଣାଇ ସିଡିଏ ନେତାଜୀ ସେତୁ ନିକଟରେ ବାଲୁକାଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

# ଏଣିକି ଯେ କୌଣସି ଆର୍‌ଟିଓରେ ଗାଡ଼ି ନବୀକରଣ

**କଟକ ଅଫିସ,୨୯।୧**

**ପରିବହନ ବିଭାଗର ନୂଆ ନିୟମ**

ଏଣିକି କୌଣସି ଗାଡ଼ିର ପଞ୍ଜୀକରଣ ଅବଧି ଶେଷ ହୋଇଯିବା ପରେ ଏହାର ନବୀକରଣ ପାଇଁ ମୂଳ ଆରଟିଓଙ୍କ ନିକଟକୁ ଯିବାକୁ ପଡିବ ନାହିଁ। ଜଣେ ବ୍ୟକ୍ତି ଯେ କୌଣସି ସ୍ଥାନରୁ ଗାଡି କିଣିଥିଲେ ମଧ୍ୟ ସେ ଅନ୍ୟ ଆରଟିଓଙ୍କ ନିକଟରେ ନବୀକରଣ(ଫିଟ୍‌ନେସ୍) ଆବେଦନ କରିପାରିବେ ବୋଲି ପରିବହନ ବିଭାଗ ପକ୍ଷରୁ ଏକ ନୂତନ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ପରୀକ୍ଷାମୂଳକ ଭାବେ ପ୍ରତ୍ୟେକ ଆରଟିଓରେ ଲାଗୁ ହୋଇଛି। ନିୟମ ଅନୁଯାୟୀ, କୌଣସି ଗାଡ଼ି ପଞ୍ଜୀକରଣର ୧୫ବର୍ଷ ପରେ ଏହାର ନବୀକରଣର ଆବଶ୍ୟକତା ପଡିଥାଏ। ଏଥିପାଇଁ ମାଲିକ ଯେଉଁ ଆରଟିଓ ଅଧୀନରେ ଗାଡ଼ି କିଣିଥାନ୍ତି ସେଠାରେ ନବୀକରଣ ଲାଗି ଆବେଦନ କରିଥାନ୍ତି। ଏମ୍‌ଭିଆଇ ଗାଡି ଯାଞ୍ଚ କରିବା ପରେ ଯଦି ଏହାର ସ୍ଥିତି ଠିକ୍ ଥାଏ ତା'ହେଲେ ୫ବର୍ଷ ଲାଗି ନବୀକରଣ ପାଇଁ ମଞ୍ଜୁର କରିଥାନ୍ତି। ତେବେ ଅନେକ ସମୟରେ ଜଣେ ମାଲିକ ଯେଉଁ ଆରଟିଓଙ୍କ ଅଧୀନରେ ଗାଡି କିଣିଥାନ୍ତି ୧୫ବର୍ଷ ବେଳକୁ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥାନ୍ତି। ଫଳରେ ଏଭଳି ମାଲିକଙ୍କୁ ପୁଣି ମୂଳ ଆରଟିଓକୁ ଆସି ପଞ୍ଜୀକରଣ ପାଇଁ ଆବେଦନ କରିବାକୁ ସମସ୍ୟା ହୋଇଥାଏ। ଏବେ ଏହି ନୂଆ ନିୟମ ଏଭଳି ମାଲିକଙ୍କୁ ଆଶ୍ୱସ୍ତି ଆଣି ଦେଇଛି।

# ଟୋକନ ଅନୁଯାୟୀ ଧାନ କ୍ରୟ କରିବାକୁ ନିର୍ଦ୍ଦେଶ

**କଟକ ଅଫିସ, ୨୯।୧**

**ମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ହେବାକୁ ଥିବା ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଭୂମି ଚୟନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ସେହି ଅଞ୍ଚଳର ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ଓ କ୍ରୟ ବାର ବୃଦ୍ଧି ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଟୋକନ ଅନୁଯାୟୀ ଚାଷୀଙ୍କଠାରୁ ଧାନ କ୍ରୟ କରିବାକୁ ମନ୍ତ୍ରୀ ଜେନା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଅଞ୍ଚଳରେ ରାଶନ କାର୍ଡ ଓ ବାର୍ଦ୍ଧକ୍ୟ ଭତ୍ତା ସମ୍ବନ୍ଧୀୟ ତଥ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠୁ ଅବଗତ ହୋଇଥିଲେ। ସେହିପରି ମାହାଙ୍ଗା ବ୍ଲକ ଓଷଙ୍ଗସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିଭୂମି ବିକାଶ, ବିଦ୍ୟୁତୀକରଣ ଓ ପ୍ରାଚୀର ନିର୍ମାଣ କରିବାକୁ ମନ୍ତ୍ରୀ ଜେନା କହିଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦୁଲ ଅଖତର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ସଦର ଉପଜିଲାପାଳ, ସ୍ଥାନୀୟ ତହସିଲଦାର, ବିଡିଓ, ଉଭୟ ବ୍ଲକର ଅଧକ୍ଷ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସମସ୍ତ ନଥିପତ୍ରର ଇଂଲିଶ ଅନୁବାଦ ନିଷ୍ପତ୍ତି ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

**କଟକ ଅଫିସ,୨୯।୧**

ସମସ୍ତ ଆଞ୍ଚଳିକ ଭାଷାର ନଥିପତ୍ର (ଡକ୍ୟୁମେଣ୍ଟ)କୁ ଇଂଲିଶରେ ଅନୁବାଦ କରି ଦେବାଲାଗି ନିଆଯାଇଥିବା ନିଷ୍ପତ୍ତି ଉପରେ ହାଇକୋର୍ଟ ବର୍ତ୍ତମାନ ସ୍ଥଗିତାଦେଶ ଜାରି କରିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହି ସ୍ଥଗିତାଦେଶ ବଳବତ୍ତର ରହିବ। ଗତ ୨୫ ତାରିଖରେ ହାଇକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରି ସେଥିରେ ଦର୍ଶାଇଥିଲେ, କୌଣସି ମାମଲାରେ ଆଞ୍ଚଳିକ ଭାଷାରେ ଡକ୍ୟୁମେଣ୍ଟ ଦାଖଲ କରାଯିବ। ସେସବୁ ଇଂଲିଶରେ ଅନୁବାଦ କରାଯିବ। ଏହି ଆଦେଶ ସେହିଦିନ ଠାରୁ ଲାଗୁ ହେବ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ଆଦେଶ ବର୍ତ୍ତମାନ ପାଇଁ ଲାଗୁ ନ କରିବାକୁ ହାଇକୋର୍ଟ ବାର୍ ଆସୋସିଏଶନ ଅନ୍ତରୀଣ କମିଟି ପକ୍ଷରୁ ଉଚ୍ଚନ୍ୟାୟାଳୟଙ୍କୁ ଏକ ଚିଠି ଲେଖାଯାଇଥିଲା। ଏହି ଅନୁରୋଧକୁ ଗ୍ରହଣ କରି ବର୍ତ୍ତମାନ ଲାଗି ଉକ୍ତ ନିଷ୍ପତ୍ତି ଉପରେ ହାଇକୋର୍ଟ ରୋକ୍ ଲଗାଇଛନ୍ତି।

## ମୁହଁରେ କଳାପଟି ବାନ୍ଧି ଧାରଣାଦେବେ ଭାଜପା କର୍ମୀ

**ମାହାଙ୍ଗା, ୨୯।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକର କୁସୁପୁରଠାରେ ବିରୂପା ନଦୀ ଉପରେ ନିର୍ମାଣ ହୋଇଥିବା ପୋଲକୁ ଆଇନ ମନ୍ତ୍ରୀ ପ୍ରତାପ ଜେନା ଶନିବାର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ବିରୋଧ କରାଯିବ ବୋଲି ଶୁକ୍ରବାର ଖଦୋଳ ପ୍ରଶାନ୍ତି ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ କୁହାଯାଇଛି। ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ୧୩ ତମ ଅଭିଯୁକ୍ତ ହୋଇଥିବାବେଳେ ପୋଲିସ ଜେନାଙ୍କ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇଥିବାରୁ ମାହାଙ୍ଗା ଥାନା ସମ୍ମୁଖରେ ଭାଜପା ପକ୍ଷରୁ ମୁହଁରେ କଳାପଟି ବାନ୍ଧି ନୀରବ ଧାରଣା ଦିଆଯିବ ବୋଲି କୁହାଯାଇଛି।

# ଡକାୟତି ଯୋଜନା: ୫ ଗିରଫ

**କଟକ ଅଫିସ, ୨୯।୧**

**ବନ୍ଧୁକ, କଟୁରି, ବାଇକ ଜବତ**

ଡକାୟତି ଯୋଜନା କରୁଥିବା ୫ ଜଣଙ୍କୁ ଚାଉଳିଆଗଞ୍ଜ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ସୁରେଶ ମାଝି, ଚାଉଳିଆଗଞ୍ଜ ଥାନା ଅଧୀନ ବିଦ୍ୟାଧରପୁର ତେଲିସାହିର ସନାତନ ଦାସ, ଥଟ୍ଟାରିସାହିର ପ୍ରମୋଦ ମଲ୍ଲିକ, ଦୋଳମଣ୍ଡପ ସାହିର ବିପିନ ସେଠୀ ଓ ନୀଳକଣ୍ଠେଶ୍ୱର ବସ୍ତିର ଗଣେଶ ନାୟକ। ସେମାନଙ୍କ ନିକଟରୁ ପୋଲିସ ଏକ ଦେଶୀ ବନ୍ଧୁକ, ଗୋଟିଏ ଗୁଳି, କଟୁରି, ୩ଟି ମୋବାଇଲ ଓ ଦୁଇଟି ବାଇକ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଗୁରୁବାର ବିଳମ୍ବିତ ରାତିରେ ବିଦ୍ୟାଧରପୁର ତେଲିସାହି ପଡିଆରେ ଅଭିଯୁକ୍ତମାନେ ସନ୍ଦେହଜନକ ଭାବେ ବସିଥିଲେ। ଖବରପାଇ ପୋଲିସ ସେଠାରେ ଅଚାନକ ଚଢାଉ କରି ୫ ଜଣଙ୍କୁ କାବୁ କରିଥିଲା। ସେମାନଙ୍କୁ ପଚରାଉଚରା ସମୟରେ ପ୍ରତ୍ୟୁଷରେ ଯାତାୟାତ କରୁଥିବା ମାଛଗାଡିରୁ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।

# ପ୍ରତି ପରିବାରକୁ ପାନୀୟ ଜଳ ମିଳିବ

**ନିଶ୍ଚିନ୍ତକୋଇଲି,୨୯।୧ (ସ୍ୱ.ପ୍ର.)**

**ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ନବମ ବୈଠକ**

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ନବମ ବୈଠକରେ ଶୁକ୍ରବାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ବ୍ଲକର ପ୍ରତ୍ୟେକ ପରିବାର ପାଖରେ ପାନୀୟ ଜଳ ପହଞ୍ଚିବ ବୋଲି ପ୍ରକାଶ କରିଛନ୍ତି। ମାହାଙ୍ଗାରେ ଏନେଇ ଏକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ୭୦ କୋଟି ଟଙ୍କା ବ୍ୟୟରେ ଆଉ ଏକ ପାନୀୟ ଜଳ ପ୍ରକଳ୍ପ ହେବାକୁ ଯାଉଛି। ବ୍ଲକର ୧୧ ପଞ୍ଚାୟତରେ ଏକକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିସହ ୨୦ଟି ପୋଖରୀ ପାଇଁ ୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ମନ୍ତ୍ରୀ ଜେନା କହିଥିଲେ। ନିଶ୍ଚିନ୍ତକୋଇଲି ବଜାର ସନ୍ନିକଟ ଏକ ଘରୋଇ ପାର୍କରେ ଆୟୋଜିତ ବୈଠକରେ ବ୍ଲକ ଅଧକ୍ଷା ସବିତା ଓଝା ସଭାପତିତ୍ୱ କରିଥିଲେ। ବୈଠକରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର, ତହସିଲଦାର ମାନସ ରଞ୍ଜନ ତରାସିଆ, ଜିପିଓ ଜନ୍ମେଜୟ ରାଉତ, ଉପାଧକ୍ଷା ସବିତା ମହାନ୍ତି, ଜିଲାପରିଷଦ ସଭ୍ୟା ସବିତା ସାମଲ ଓ ଆତ୍ମା କମିଟି ସଭାପତି ହିମାଂଶୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ୪୩୩ ଏସ୍‌ଏଚ୍‌ଜିଙ୍କୁ ୧୦.୪୩ କୋଟି ଋଣ ପ୍ରଦାନ



ଋଣ ପ୍ରଦାନ ମେଳାକୁ ୟୁକୋ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଅଜୟ ବ୍ୟାସ ଉଦ୍‌ଘାଟନ କରୁଛନ୍ତି।

**କଟକ ଅଫିସ, ୨୯।୧**

**ଋଣ ପ୍ରଦାନ ମେଳା**

କଟକ ମହାନଦୀ ବିହାରସ୍ଥିତ ମହାନଦୀ ଭବନଠାରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ଋଣ ପ୍ରଦାନ ପାଇଁ ଏକ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ୟୁକୋ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଅଜୟ ବ୍ୟାସ ଏହାକୁ ଉଦ୍‌ଘାଟନ କରି କହିଥିଲେ, ୟୁକୋ ବ୍ୟାଙ୍କ ସର୍ବଭାରତୀୟ ସ୍ତରରେ ଏକ ଅଗ୍ରଣୀ ବ୍ୟାଙ୍କ। ବ୍ୟାଙ୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଋଣ ପ୍ରଦାନ, ଭୋକାଲ ଫର ଲୋକାଲ, କାରିଗରମାନଙ୍କୁ ଋଣ ପ୍ରଦାନ, ଡିଜିଟାଲ ମାଧ୍ୟମରେ କାରବାର ଆଦି କାର୍ଯ୍ୟ କରାଯାଉଛି। ଏଥିରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି) କନ୍‌ଭେନର ଅରୁପାନନ୍ଦ ଜେନା ଯୋଗଦେଇ ୟୁକୋ ବ୍ୟାଙ୍କ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା, ଏଫ୍‌ଏଲ୍‌ସି କ୍ୟାମ୍ପ ଜରିଆରେ ଆର୍ଥିକ ସଚେତନତା, ଏସ୍‌ଏଚ୍‌ଜି ତାଲିମ, ଜୀବନ ଜୀବିକା ନିମନ୍ତେ ବୀମା ଆଦି କାର୍ଯ୍ୟ କରାଯାଉଛି ବୋଲି କହିଥିଲେ। ଏଥିରେ ୪୩୩ଟି ଏସ୍‌ଏଚ୍‌ଜିକୁ ୧୦ କୋଟି ୪୩ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏସ୍‌ଏଚ୍‌ଜିଗୁଡ଼ିକୁ ଉତ୍ତମ ଋଣ ପ୍ରଦାନ କରିଥିବା ଆଗ୍ରାହାଟ, ଡମପଡ଼ା ଏବଂ ବାରଙ୍ଗ ଶାଖା ପରିଚାଳକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ଏଲ୍‌ବିସି ଏଜିଏମ୍ ଲଲାଟେନ୍ଦୁ ବେହେରା, ଅଗ୍ରଣୀ ବ୍ୟାଙ୍କ ଜିଲା ଅଧିକାରୀ ରାଜେଶ କୁମାର ବେହେରା ଓ କଟକ ଜିଲାର ସମସ୍ତ ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ଯୋଗଦେଇଥିଲେ। ୟୁକୋ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଏଜିଏମ୍ ଲକି ନାୟକ ଧନ୍ୟବାଦ ଦେଇଥିଲେ।

## ଅଂଶୁପା ହ୍ରଦରେ ନିରୀକ୍ଷଣ ଗମ୍ବୁଜ ଉଦ୍‌ଘାଟିତ

**ବାଙ୍କୀ,୨୯।୧(ସ୍ୱ.ପ୍ର.)**

ଏସିଆ ମହାଦେଶର ୨ୟ ବୃହତ୍ତମ ମଧୁର ଜଳ ହ୍ରଦ ଅଂଶୁପା ପ୍ରକୃତି ଉଦ୍ୟାନରେ ନିରୀକ୍ଷଣ ଗମ୍ବୁଜ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ତ୍ରିପାଠୀ, ଉପଜିଲାପାଳ ରଞ୍ଜନ ଜେନା, ଚିଲିକା ଡେଭଲପମେଣ୍ଟ ଅଥୋରିଟିର ମୁଖ୍ୟ ସୁଶାନ୍ତ ନନ୍ଦ ଓ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ ଯୋଗ ଦେଇଥିଲେ। ସୁବର୍ଣ୍ଣପୁର ସରପଞ୍ଚ ତରୁଣକାନ୍ତ ମହାପାତ୍ର, ଅଂଶୁପା ଦାୟିତ୍ୱରେ ଥିବା ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସିଡିଏ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



ଶୁକ୍ରବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ପ୍ରଫେସର ସୁଦର୍ଶନ ପଟ୍ଟନାୟକଙ୍କ ରଚିତ ପୁସ୍ତକ 'ମନଗହନର ତଳେ' ଓ 'ଜୀବନ ସଂହିତା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ପାନୀୟ ଜଳ ସମସ୍ୟା ସମାଧାନ ଦାବିରେ ରାସ୍ତାରୋକୋ

**ବାଙ୍କୀ,୨୯।୧(ସ୍ୱ.ପ୍ର.)**

ବାଙ୍କୀ ଡମପଡା ବ୍ଲକ ଦୁର୍ଗାପୁର ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହି ସମସ୍ୟାର ସମାଧାନ ଦାବିରେ ବାଙ୍କୀ-କଳାପଥର ରାସ୍ତାର ଭେଡ଼ା ରାମଚନ୍ଦ୍ରପୁର ଛକରେ ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ବହୁ ନଳକୂପରୁ ଲୌହଗୁଣ୍ଡ ସହ ହଳଦିଆ ପାଣି ବାହାରୁଛି। ଏହାକୁ ବ୍ୟବହାର କରି ବହୁ ଲୋକ ପେଟ ରୋଗ, କିଡ୍‌ନୀଜନିତ ସମସ୍ୟା ଭୋଗୁଛନ୍ତି। ଅପରପକ୍ଷେ ଅଧିକାଂଶ ପାଇପଲାଇନରୁ ପାନୀୟ ଜଳ ବାହାରୁନି। ଲୋକେ ପୋଖରୀ ଓ ଗାଡ଼ିଆ ଜଳ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଥିଲେ। ପାନୀୟ ଜଳ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।




ବାଙ୍କୀ-କଳାପଥର ରାସ୍ତାର ଭେଡ଼ା ରାମଚନ୍ଦ୍ରପୁର ଛକରେ ଧାରଣା ଦିଆଯାଇଛି।

## ମଠ ପରିଚାଳକଙ୍କୁ ଗାଳିଗୁଲଜ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୨୯।୧(ଡି.ଏନ୍.ଏ.): ହାଟସାହି ସ୍ଥିତ ଶ୍ୟାମାଶଙ୍କର ମଠର ପରିଚାଳକ ଅରୁଣ କୁମାର ଗାଙ୍ଗୁଲିଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଲିଙ୍ଗରାଜ ଥାନା ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, କୋଲକାତା ମହାମିଳନ ମଠ ପକ୍ଷରୁ ନୂତନ ବୋର୍ଡ ପୁନଃଗଠିତ ହୋଇଥିଲା। ଏଥିରେ ଅରୁଣଙ୍କୁ ପୁନଃ ସଭାପତି ପଦ ଦିଆଯାଇଥିଲା। ତେବେ ବୋର୍ଡର ଜଣେ ସଦସ୍ୟ ଏଥିରେ ଉତକ୍ଷିପ୍ତ ହୋଇ ଅରୁଣଙ୍କୁ ଗତ ୧୬ତାରିଖରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଘଟଣାର ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଇଣ୍ଡିଆନ ପ୍ରକ୍ଟୋଲୋଜି ସୋସାଇଟି ପକ୍ଷରୁ ଜାତୀୟ ସମ୍ମିଳନୀ, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା।
- ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ, ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ପରିସର, ୟୁନିଟ-୩, ପୂର୍ବାହ୍ନ ୧୧ଟା ୩୦।
- ସେବା ପ୍ରତିନିଧି ତରଫରୁ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଉପଲକ୍ଷେ ସାଧାରଣ ସଭା, ଠାକୁର ଗୋଖିବାବା ଆଶ୍ରମ, ସୁନ୍ଦରପଦା, ଅପରାହ୍ନ ୨ଟା ୩୦।
- ସାପ୍ତାହିକ ସମାଲୋଚନାର ଉନ୍ମୋଚନ ଉତ୍ସବ, ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ୟୁନିଟ-୩, ଅପରାହ୍ନ ୪ଟା।

**ବାଲିଅନ୍ତା**

- ଶହୀଦ ଦିବସ ପାଳନ, ବାଲିଅନ୍ତା ଗାନ୍ଧୀ ପୀଠ, ସକାଳ ୮ଟା।
- କୃଷି ରଥର ଉଦ୍‌ଘାଟନ ଉତ୍ସବ, ଭିଙ୍ଗାରପୁର, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ୩୫ଲକ୍ଷ ଠକି ପ୍ରତ୍ନତତ୍ତ୍ୱ ବିଭାଗ କର୍ମଚାରୀ ଗିରଫ

ଭୁବନେଶ୍ୱର,୨୯।୧(ବ୍ୟୁରୋ): ଜମି ଦେବାକୁ କହି ଜଣେ ମହିଳାଙ୍କଠାରୁ ୩୫ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଧର୍ମବିହାରର ଏଚଆଇଜି କଲୋନୀରେ ରହୁଥିବା ଅଜୟ କୁମାର ଷଡଙ୍ଗୀ। ଅଜୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ତେବେ ଠକେଇରେ ସମ୍ପୃକ୍ତ ଥିବା ଅଜୟଙ୍କ ସ୍ତ୍ରୀ ଫେରାର ଅଛନ୍ତି। ସୂଚନା ଅନୁଯାୟୀ, ଅଜୟ ପାଣ୍ଡରା ଅଞ୍ଚଳରେ ଏକ ଜମି ଶସ୍ତାରେ କରାଇଦେବାକୁ ତାଙ୍କ ସ୍ତ୍ରୀଙ୍କ ସାଙ୍ଗ ବିଡିଏ କଲୋନୀରେ ରହୁଥିବା ପ୍ରତିମାଙ୍କୁ ପ୍ରଲୋଭନ ଦେଖାଇଥିଲେ। ପରେ ତାଙ୍କଠାରୁ ୩୫ ଲକ୍ଷ ଟଙ୍କା ନେଇ ଜାଗା ନ ଦେଇ ସ୍ୱାମୀସ୍ତ୍ରୀ ଧମକ ଦେଇଥିଲେ। ପ୍ରତିମା କିଛିଦିନ ତଳେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

### ଇ-ଶିକ୍ଷାଦାନ ଉପରେ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୯।୧(ବ୍ୟୁରୋ)- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଇ-ଶିକ୍ଷାଦାନ ଓ କମ୍ପ୍ୟୁଟର ମୌଳିକ ଜ୍ଞାନ ସମ୍ପର୍କିତ ଏକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। କୁଳପତି ଅପରାଜିତା ଚୌଧୁରୀ ଏହାକୁ ଉଦ୍‌ଘାଟନ କରି କହିଲେ, ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ କମ୍ପ୍ୟୁଟର ଜ୍ଞାନ ଅପରିହାର୍ଯ୍ୟ। ଏହାକୁ ଆଖି ଆଗରେ ରଖି ଏହି ପ୍ରଶିକ୍ଷଣ ଆୟୋଜନ କରିଛନ୍ତି। ପିଜି କାଉନସିଲ ଅଧକ୍ଷା ଡ. ସସ୍ମିତା ମହାନ୍ତି, କାର୍ଯ୍ୟକ୍ରମ ସଂଯୋଜିକା ଡ. ଛବିରାଣୀ କର, ଚଣ୍ଡୀଚରଣ ରଥ, ମାନସ ବେହେରା, ବିଭୁଦେନ୍ଦୁ ପତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଏମ୍‌ସି କୋଭିଡ୍ ସେଲ୍‌ରୁ ଫେରିବେ ଡାକ୍ତର, ଏଏସ୍‌ଓ

ଭୁବନେଶ୍ୱର, ୨୯।୧(ବ୍ୟୁରୋ) ଭୁବନଶ୍ୱେର ମହାନଗର ନିଗମ(ବିଏମ୍‌ସି) କୋଭିଡ୍ ସେଲ୍‌ରୁ ଏବେ ଅଣ ବିଏମ୍‌ସି ଅଧିକାରୀ ଓ କର୍ମଚାରୀ ଫେରିଯିବେ। କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶକ୍ରମେ କୋଭିଡ୍ ସ୍ଥିତିକୁ ଅନୁଧ୍ୟାନ କରି ସହରାଞ୍ଚଳ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି। ଶେଷ ପର୍ଯ୍ୟାୟରେ ଥିବା ୧୦ ଜଣ ଡାକ୍ତର ଓ ୧୫ଜଣ ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର (ଏଏସ୍‌ଓ)ଙ୍କ ମଧ୍ୟରୁ ସମସ୍ତଙ୍କୁ ରିଲିଭ୍ କରାଯାଇଥିବାବେଳେ ଆଉ ୬ ଜଣ ଡାକ୍ତରଙ୍କୁ ଜାନୁୟାରୀ ଶେଷ ସୁଦ୍ଧା ରିଲିଭ୍ କରାଯିବ। କେବଳ ୪ଜଣ ଡାକ୍ତର ଜରୁରୀ କଣ୍ଟାକ୍ଟ ଟ୍ରେସିଂ ଇତ୍ୟାଦି ପାଇଁ ନିୟୋଜିତ ରହିବେ ବୋଲି ବିଏମ୍‌ସି କୋଭିଡ୍ ସେଲ୍‌ର ମୁଖ୍ୟ ତଥା ଡେପୁଟି କମିଶନର (ହେଲ୍‌ଥ ଓ ସାନିଟେଶନ) ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

### ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ

କଟକ ଅଫିସ, ୨୯।୧- ଜିଲାର ପଲ୍‌ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ସିଟି ହସ୍ପିଟାଲଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଉଦ୍‌ଘାଟନ କରିଥିଲେ। ଜିଲାର ୧୧୩୬ଟି ବୁଥରେ ୦ରୁ ୫ ବର୍ଷ ବୟସ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ପ୍ରଥମ ଦିନରେ ରହି ଯାଇଥିବା ଶିଶୁଙ୍କୁ ଦ୍ୱିତୀୟ ଓ ତୃତୀୟ ଦିନରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟକର୍ମୀ ପୋଲିଓ ଦେବେ । ଏହି କାର୍ଯ୍ୟକ୍ରମରେ ସିଟି ହସ୍ପିଟାଲ୍‌ର ଅଧକ୍ଷ ଡା. ଏସ୍.ଏନ୍. ଗିରି, ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡା. ମମତା ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ରୌପ୍ୟ ନଗରୀରେ ରଙ୍ଗ ଭରୁଛନ୍ତି ସତ୍ୟଭାମା




କଟକ ଅଫିସ, ୨୯।୧

ବାଉନ ବଜାର ତେପନ ଗଳିର ସହର କଟକର ଦୃଶ୍ୟପଟ୍ଟ ବଦଳୁଛି। ରୌପ୍ୟ ନଗରୀ ବା ସିଲଭର୍ ସିଟି ଭାବେ ପ୍ରସିଦ୍ଧି ଲାଭ କରିଥିବା ଏହି ସହର ଏବେ ଧୀରେ ଧୀରେ ରଙ୍ଗିନ ହେଉଛି। ସହରର ଗଳିକନ୍ଦି, ସାହିବସ୍ତି ଓ ବଜାରଘାଟରେ ରଙ୍ଗ ତୂଳୀ ଧରି ଏହି ରଙ୍ଗ ଭରୁଛନ୍ତି ସତ୍ୟଭାମା ମାଝି। ଯେଉଁ ସବୁ କାନ୍ଥ ବିଭିନ୍ନ ପ୍ରକାର ପୋଷ୍ଟର, ପତାକା, ଅନାବନା ଲେଖାରେ ବିକୃତ ଅବସ୍ଥାରେ ଥିଲା ସେଠାରେ ସତ୍ୟଭାମାଙ୍କ ତୂଳୀର ଯାଦୁ ସହରର ଗାଥା ବଖାଣୁଛି। ପୁଣି ଚକ୍‌ମକ୍ ହେବାରେ ଲାଗିଛି ରୌପ୍ୟନଗରୀ କଟକ। ସାହିବସ୍ତିର କାନ୍ଥଠାରୁ ରାସ୍ତା ପାର୍ଶ୍ୱ ପାଚେରି, ଓଭରବ୍ରିଜ୍‌ରେ ବୁଢ଼ୀ ମାଉସୀ ଫୁଲ ବିକାଳି, ୧୦୦୦ ବର୍ଷର ସହର କଟକ, ଅକ୍ଷୟ ମହାନ୍ତିଙ୍କୁ ନେଇ ପୁରଣା ସ୍ମୃତିକୁ ରଙ୍ଗରେ ସଜାଇବା ସହ ଡଷ୍ଟ ବିନ୍ ବ୍ୟବହାର ଆଦି ଅନେକ ବାର୍ତ୍ତା ରଖୁଛନ୍ତି ସତ୍ୟଭାମା। କେବଳ କଟକ ନୁହେଁ, ରାଜଧାନୀ ଭୁବନେଶ୍ୱରର କାନ୍ଥବାଡ଼ରେ ବି ସତ୍ୟଭାମାଙ୍କ ରଙ୍ଗର ଯାଦୁ ସ୍ମାର୍ଟସିଟି ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଉଛି। ନବୀନ ନିବାସଠୁ ଆରମ୍ଭ କରି ବିଭିନ୍ନ ପାଚେରି ଓ ରାସ୍ତାପାର୍ଶ୍ୱ କାନ୍ଥରେ ସତ୍ୟଭାମାଙ୍କ ଚିତ୍ର ସହରବାସୀଙ୍କ ମନକୁ ଛୁଉଁଛି।



କଟକର ଏକ ବସ୍ତିର ଦୃଶ୍ୟ ।

### ସାଦା କାଗଜରୁ କାନ୍ଥ ଯାଏ....



ସତ୍ୟଭାମା ଭୁବନେଶ୍ୱରରେ ରହୁଥିବାବେଳେ କଟକକୁ ଏବେ କର୍ମକ୍ଷେତ୍ରରେ ପରିଣତ କରିଛନ୍ତି। ପିଲାବେଳୁ ପାଠ ପଢିବା ସମୟରେ ସତ୍ୟଭାମାଙ୍କ ଭିତରେ ଥିବା ଚିତ୍ରକଳା ପ୍ରତିଭା ଜାଣି ପାରିଥିଲେ ମାତା ଗୌରୀ ଓ ପିତା ବାଲ୍ମୀକି। ଏଥିପାଇଁ ସେମାନେ ତାଙ୍କୁ ସୁଯୋଗ ଦେବା ସହ ଉତ୍ସାହିତ କରିଥିଲେ। ଫଳରେ ଧୀରେ ଧୀରେ ସତ୍ୟଭାମାଙ୍କ ପ୍ରତିଭା ରଙ୍ଗ ଓ ତୂଳୀ ସହ ଯୋଡ଼ିହୋଇଗଲା। ଭୁବନେଶ୍ୱରର ଏକ ଆର୍ଟ କଲେଜରେ ଚିତ୍ରକଳା ଶିଖିଲେ। ଛାତ୍ରୀ ଜୀବନରୁ ଏଯାଏ ସତ୍ୟଭାମା ରାଜ୍ୟ ତଥା ରାଜ୍ୟ ବାହାରୁ ଚିତ୍ରକଳାରେ ବହୁ ପୁରସ୍କାର ପାଇଥିବାବେଳେ ସମାଜ ଓ ସାମାଜିକ ପରିବର୍ତ୍ତନକୁ ନେଇ ତାଙ୍କ ରଙ୍ଗ ତୂଳୀ ଜୀବନ ହୋଇଉଠିଛି। ନିଜ ସମ୍ପର୍କରେ ସତ୍ୟଭାମା କୁହନ୍ତି,ପିଲାବେଳେ ଏତେ ଚିତ୍ର କରୁଥିଲି କି ବାପା ମତେ ପେପର ଯୋଗାଇ ପାରୁ ନ ଥିଲେ। ଶେଷରେ ବାପା ମୋତେ କାନ୍ଥରେ ଚିତ୍ର କରିବାକୁ କହିଲେ। ଆଉ ସେବେଠାରୁ ଏବେଯାଏ ମୁଁ କାନ୍ଥରେ ଚିତ୍ର ଆଙ୍କିବାରେ ଲାଗିଛି। ଏବେ ଦେଶର ଜଣେ ପେସାଦାର ଚିତ୍ରକରର ପରିଚୟ ପାଇଛି। ଓଡ଼ିଶାରେ ଯେତେବେଳେ କାନ୍ଥକୁ ଚିତ୍ରିତ କରି ସୌନ୍ଦର୍ଯ୍ୟ ବୃଦ୍ଧି ସହ ସଚେତନତା ସୃଷ୍ଟି ପାଇଁ ନିଷ୍ପତ୍ତି ନିଆଗଲା ମୁଁ ଆଗ୍ରହର ସହ ଏଥିପାଇଁ ଆଗେଇ ଆସିଲି। ହକି ବିଶ୍ୱ କପ୍ ସମୟରେ ରାଜଧାନୀର କେତେକ ସ୍ଥାନରେ କାନ୍ଥଗୁଡ଼ିକୁ ଡିଜାଇନ୍ କରିଛି। ପରବର୍ତ୍ତୀ ସମୟରେ ମୋତେ କଟକ ଖାନନଗର ଅଞ୍ଚଳକୁ ଡିଜାଇନ୍ କରିବାର ସୁଯୋଗ ମିଳିଲା। ଏବେ ମୁଁ କଟକର ସାହିବସ୍ତିରେ କାମ କରୁଛି। ସାଧାରଣ ଲୋକଙ୍କ ସହ ମିଶି ତାଙ୍କ ସ୍ମୃତି ଓ ଅନୁଭବକୁ ନେଇ କାମ କରିବାର ମଜା ନିଆରା ଲାଗୁଛି ବୋଲି ସତ୍ୟଭାମା କହିଛନ୍ତି।

## 'ହେଲ୍‌ଥ ଅନ୍ ଟପ୍'ର ଶୁଭାରମ୍ଭ

ଭୁବନେଶ୍ୱର,୨୯।୧:

ଆଧୁନିକ ଜୀବନଶୈଳୀ ସହ ଖାପ ଖୁଆଇ ଜୀବନ ଅତିବାହିତ କରିବା ସମସ୍ତଙ୍କର ଏକ ଲକ୍ଷ୍ୟ । ଏହି ଲକ୍ଷ୍ୟ କ୍ଷେତ୍ରରେ ଯଦି କୌଣସି ଶାରୀରିକ ସମସ୍ୟା ଦେଖାଦେଲା ତା' ହେଲେ ତା'ର ସମାଧାନ ପାଇଁ କେଉଁଠାକୁ ଯିବେ। ଏହିସବୁ ସମସ୍ୟାର ସମାଧାନ ପାଇଁ ଶୁକ୍ରବାର ସ୍ଥାନୀୟ ଗିରିଦୁର୍ଗା ମନ୍ଦିର, ଜନପଥ ରୋଡ୍ ଖାରବେଳନଗର, ୟୁନିଟ୍-୩ ଅଞ୍ଚଳରେ ଏକ ଶୀତତାପ ନିୟନ୍ତ୍ରିତ ମେଡିକାଲ ଷ୍ଟୋର 'ହେଲ୍‌ଥ ଅନ୍ ଟପ୍'ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ବ୍ୟବସାୟୀ ସୁଦେଶ କୁମାର ରାଲହନ ଏବଂ ବିଜୟ କୁମାର ରାଲହନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟୋରର ସିଇଓ ଗୌରବ ରାଲହନ ଏବଂ ରାଲହନ ପରିବାରବର୍ଗ ଉପସ୍ଥିତ ଥିଲେ। ଏହି ଷ୍ଟୋରଟି ୫ ହଜାର ବର୍ଗଫୁଟ ପରିମିତ ଏକ ଛାତ ତଳେ ସବୁ ପ୍ରକାର ସ୍ୱାସ୍ଥ୍ୟସେବା ସାମଗ୍ରୀ ସମସ୍ତ ଖାଉଟି (ରୋଗୀ)ଙ୍କୁ ମିଳିପାରିବ ବୋଲି ଏହାର ସିଇଓ ସୂଚନା ଦେଇଛନ୍ତି। ସେହିଭଳି ମେଡିମେକ୍ ଇଣ୍ଡଷ୍ଟ୍ରି ଦ୍ୱାରା ପ୍ରସ୍ତୁତ ଆଇସିୟୁ ଠାରୁ ଆରମ୍ଭକରି ବେଡ୍ ପର୍ଯ୍ୟନ୍ତ ଏପରିକି ମେଡିକାଲ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଉପକରଣ ଏବଂ ଅନ୍ୟାନ୍ୟ ପଦାର୍ଥଗୁଡ଼ିକ ଏଠାରେ ଉପଲବ୍ଧ ବୋଲି ଗୌରବ କହିଥିଲେ। ପରିଶେଷରେ ଷ୍ଟୋରର ଶୁଭାରମ୍ଭ ଅବସରରେ କିଣାକିଣି କରିବାକୁ ଆସିଥିବା ଗ୍ରାହକମାନଙ୍କୁ ସାଧୁବାଦ ଜଣାଇବା ସହ ଉପସ୍ଥିତ ସମସ୍ତ ସୁଧୀଜନଙ୍କୁ ରାଲହନ ପରିବାର ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ମେଡିକାଲ ଷ୍ଟୋରକୁ ଉଦ୍‌ଘାଟନ କରୁଛନ୍ତି ।

## ଭିଜିଲାନ୍ସ ଜାଲରେ କୋଟିପତି ଆର୍‌ଆଇ

ପୁରୀ ଅଫିସ/ରାଜନଗର, ୨୯।୧(ଡି.ଏନ୍.ଏ):

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୁରୀ ଦକ୍ଷିଣ ଓ ବାଲୁଖଣ୍ଡ ୧୦୮ ରାଜସ୍ୱ ସର୍କଲର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ବସନ୍ତ କୁମାର ମହାନ୍ତିଙ୍କ ବାସଭବନ ଓ ସରକାରୀ କାର୍ଯ୍ୟାଳୟ ସମେତ ୮ ସ୍ଥାନରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ପୁରୀ ଫ୍ରେଣ୍ଡସ କ୍ଲବ ଅଞ୍ଚଳରେ ଥିବା ୨ଟି ଘର, ପେଣ୍ଟକଟାସ୍ଥିତ ଘର, ବାଲିଘାଟସ୍ଥିତ ସମ୍ପର୍କୀୟଙ୍କ ଘର, ପୁରୀରେ ଦୁଇଟି ସରକାରୀ କାର୍ଯ୍ୟାଳୟ ସମେତ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ପୈତୃକ ବାସଭବନରେ ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରିଛନ୍ତି। ଯାଞ୍ଚବେଳେ ତାଙ୍କର ୧ କୋଟି ୫୩ ଲକ୍ଷ ୪୯ ହଜାର ୬୭ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଭୁବନେଶ୍ୱର ଭିଜିଲାନ୍ସ ଇନ୍ସପେକ୍ଟର ଶିବନାରାୟଣ ଭଦ୍ରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଛି।

## ମଞ୍ଚେଶ୍ୱର, ହାଇଟେକ ଛକରେ ଦୁର୍ଘଟଣା ରୋକିବାକୁ ଗୁରୁତ୍ୱ

ଭୁବନେଶ୍ୱର,୨୯।୧(ବ୍ୟୁରୋ):

ଜାତୀୟ ରାଜପଥ-୧୬ ମଞ୍ଚେଶ୍ୱର ଓ ହାଇଟେକ ଛକ ନିକଟରେ ପ୍ରତ୍ୟେକ ଦିନ ଘଟୁଥିବା ଦୁର୍ଘଟଣା ରୋକିବା ଉପରେ ଉତ୍ତର ବିଧାୟକ ସୁଶାନ୍ତ ରାଉତ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସେଠାକାର ୫ ପଞ୍ଚାୟତ ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୩ଟି ୱାର୍ଡ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଜୀବନର ସୁରକ୍ଷା ଦିଗରେ ଧ୍ୟାନଦେଇ ଏକ ବୈଠକ ମଧ୍ୟ କରାଯାଇଛି। ଏନେଇ ପୂର୍ବତନମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୁଶାନ୍ତଙ୍କ ତତ୍ତ୍ୱାବଧାନରେ ଜାତୀୟ ରାଜପଥର ଅଫିସର ଏବଂ ପୂର୍ତ୍ତ ବିଭାଗ ଅଧିକାରୀ ସମସ୍ତେ ଦୁର୍ଘଟଣା ଘଟୁଥିବା ସ୍ଥାନ ପରିଦର୍ଶନ କରିଛନ୍ତି। ଉକ୍ତ ଛକରୁ ସହର ଭିତରକୁ ପ୍ରତ୍ୟେକ ଦିନ ୫ ପଞ୍ଚାୟତରୁ ଶତାଧିକ ଲୋକ କର୍ମକ୍ଷେତ୍ରକୁ ଯିବା ସମୟରେ ଆସୁଛନ୍ତି। ଏହାଛଡା ସବୁଦିନ ସ୍କୁଲ, କଲେଜ ଛାତ୍ରୀଛାତ୍ର , ରୋଗୀ, ବୟସ୍କ ଲୋକ ଏବଂ ଗୃହପାଳିତ ପଶୁଙ୍କ ଯା ଆସ ମଧ୍ୟ ଚାଲିଛି। ହେଲେ ସେହି ସ୍ଥାନରେ ପ୍ରତ୍ୟେକ ଦିନ ଜୀବନ ହାନି ଘଟିବା ସହିତ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ତୁରନ୍ତ ସ୍ଥାୟୀ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ମଲ୍ଲିକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।



ପୂର୍ବତନମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ବିଧାୟକ ସୁଶାନ୍ତ ରାଉତ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

## ୩୦ ମୋବାଇଲ ଜବତ, ୨ ଗିରଫ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ ଲୁଟ୍‌ରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଏୟାରପିଲ୍ଡ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଭରତପୁର ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳର ବଳରାମ ନାୟକ ଓ ମନୋଜ ଭୋଇ। ପୋଲିସ ସେମାନଙ୍କଠାରୁ ୩୦ ମୋବାଇଲ ଜବତ କରିଛି। ଗତ ଡିସେମ୍ବର ୨୨ରେ ବଳରାମ ଓ ମନୋଜ ଜଣେ ମହିଳାଙ୍କ ମୋବାଇଲ ଲୁଟିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ.୨୬୭/୨୦ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ପାଇବେ 'ବୁଦ୍ଧ ସମ୍ମାନ'

### ୬ରୁ ଧଉଳି-କଳିଙ୍ଗ ମହୋତ୍ସବ

ଭୁବନେଶ୍ୱର, ୨୯।୧(ବ୍ୟୁରୋ)

ଐତିହାସିକ ଧଉଳି ପାହାଡ଼ ପାଦଦେଶରେ ଆସନ୍ତା ୬ ତାରିଖରୁ ୧୬ଶ ଧଉଳି-କଳିଙ୍ଗ ମହୋତ୍ସବ ଆରମ୍ଭ ହେବ। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଏହି ମହୋତ୍ସବ ୮ତାରିଖ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ଓଡ଼ିଶା ଡ୍ୟାନ୍ସ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ପ୍ରତିବର୍ଷ ପରି ଏଥର ମଧ୍ୟ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ବୁଦ୍ଧ ସମ୍ମାନ' ଓ 'ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଦୀର୍ଘ ୧୪ବର୍ଷ ଧରି ଧଉଳି-କଳିଙ୍ଗ ମହୋତ୍ସବ ମଞ୍ଚରେ ବୁଦ୍ଧ ସମ୍ମାନ ପ୍ରଦାନ କରାଯାଉଥିବାବେଳେ ଚଳିତ ବର୍ଷ ପ୍ରଖ୍ୟାତ ଓଡ଼ିଶୀ ସଙ୍ଗୀତ ବିଶାରଦ ତଥା ଓଡ଼ିଶୀ ନୃତ୍ୟଗୁରୁ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା ଏହି ସମ୍ମାନ ପାଇବେ। ପୁରସ୍କାର ସହ ସମ୍ମାନ ସ୍ୱରୂପ ୧ ଲକ୍ଷ ଟଙ୍କା, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ସେହିପରି ଚଳିତ ବର୍ଷ ୪ଜଣଙ୍କୁ 'ଗୁରୁ ଗଙ୍ଗାଧର ପ୍ରଧାନ ସ୍ମୃତି ସମ୍ମାନ' ମିଳିବ। ସେମାନେ ହେଲେ ଖ୍ୟାତିସମ୍ପନ୍ନ କର୍ନାଟକୀ ବୀଣା ବାଦକ କେ. ରାମାରାଓ ପାତ୍ରୋ, ପ୍ରଥିତଯଶା ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ, ଓଡ଼ିଶୀ ନୃତ୍ୟ ସମୀକ୍ଷକ ଶ୍ୟାମହରି ଚକ୍ର ଏବଂ ମରଣୋତ୍ତର ଭାବେ ଶବ୍ଦ ଓ ସଙ୍ଗୀତ ବିନ୍ୟାସର ଯାଦୁକର ସ୍ୱର୍ଗତ ତାରାକାନ୍ତ ପଣ୍ଡା। ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ସମ୍ମାନ ସ୍ୱରୂପ ୨୫,୦୦୦ ଟଙ୍କା ସହିତ ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ସେକ୍ରେଟେରୀ ଗୁରୁ ଅରୁଣା ମହାନ୍ତି, ଆର୍ଟ ଭିଜନ ନିର୍ଦ୍ଦେଶିକା ଗୁରୁ ଇଲିଆନା ଚିତାରିସ୍ତି, ପର୍ଯ୍ୟଟନ ବିଭାଗ ସହନିର୍ଦ୍ଦେଶକ ରତିକାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ଦେଶର ଯୁବ ସମାଜ ବିଶେଷକରି ଛାତ୍ରୀଛାତ୍ରଙ୍କୁ ଭାରତୀୟ ସଂସ୍କୃତିର ମହାନ୍ ଗୌରବୋଜ୍ଜ୍ୱଳ ଐତିହ୍ୟ ଓ ପରମ୍ପରା ବିଷୟରେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ସଚେତନ କରାଇବା ହେଉଛି ଏହି ଉତ୍ସବର ଏକ ପ୍ରମୁଖ ଲକ୍ଷ୍ୟ ବୋଲି ସେମାନେ କହିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମଧୁସ୍ମିତା



@ ରଶ୍ମିତା



@ ଜଟାଧାରୀ



@ ନବାନତା



@ ନିରଞ୍ଜନ



@ ମହମ୍ମଦ ଯୁବେର

## 'ଏକ ଭାରତ ଶ୍ରେଷ୍ଠ ଭାରତ' ୱେବିନାର

ଭୁବନେଶ୍ୱର, ୨୯।୧(ବ୍ୟୁରୋ)

ଏନ୍‌ସିସି ନିର୍ଦ୍ଦେଶାଳୟ ଓଡ଼ିଶାର ଅଧୀନରେ କଟକ ଗ୍ରୁପ୍ ତରଫରୁ 'ଏକ ଭାରତ ଶ୍ରେଷ୍ଠ ଭାରତ' ୱେବିନାର ଆରମ୍ଭ ହୋଇଛି। 'ଦୁର୍ନୀତି ନିବାରଣ' ଉପରେ ଆୟୋଜିତ ଏହି ୱେବିନାର ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା, ଜମ୍ମୁ କଶ୍ମୀର ଏବଂ ଲଦାଖ୍‌ର ୨୦୦ ଏନ୍‌ସିସି କ୍ୟାଡେଟ୍ ଯୋଗଦେଇଛନ୍ତି। ଏହି ଅବସରରେ ରୋଷେଇ, ନୃତ୍ୟ, ଗୀତ ଓ ପୋଷ୍ଟର ମେକିଂରେ ସଂସ୍କୃତି, ପର୍ବ, କଷ୍ଟମ୍ସ ଏବଂ ପରମ୍ପରାକୁ ନେଇ ପ୍ରତିଯୋଗିତା ମଧ୍ୟ ହେଉଛି। ଏହି ୱେବିନାରକୁ ଓଡ଼ିଶା ନିର୍ଦ୍ଦେଶାଳୟର ଡେପୁଟି ଡିଜି କମୋଡୋର ସୋମେନ ବାନାର୍ଜୀ ଉଦ୍‌ଘାଟନ କରି କ୍ୟାଡେଟ୍‌ମାନଙ୍କୁ ସମ୍ବୋଧିତ କରିଥିଲେ।

## ଏସ୍‌ବିଆଇ ଗ୍ରାହକ ସେବାକେନ୍ଦ୍ର ଦିବସ

ଭୁବନେଶ୍ୱର,୨୯।୧:

ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଏସ୍‌ବିଆଇର ଗ୍ରାହକ ସେବାକେନ୍ଦ୍ର ସମାରୋହ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ବରିଷ୍ଠ ଅଧିକାରୀ ସି.ଏଲ୍.ଏନ୍. ଚାର୍ୟୁଲୁ ଜିଏମ୍ (ଏନ୍‌ଡବ୍ଲ୍ୟୁ-୧) କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାର ଉଦ୍ଦେଶ୍ୟ ଓ ବିସି ମଡେଲର କାର୍ଯ୍ୟଦକ୍ଷତା ସମ୍ପର୍କରେ ଚାର୍ୟୁଲୁ ଆଲୋକପାତ କରିଥିଲେ। ସେହିଭଳି ୨୦୦୬ ଆଜିର ଦିନରେ ଆର୍‌ବିଆଇ ଦ୍ୱାରା ଆରମ୍ଭ ହୋଇଥିବା ବିସି ମଡେଲ ଦେଶର ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ଅପୂର୍ବ ସଫଳତା ଆଣିପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଧ୍ରୁବଚରଣ ବଳ (ଡିଜିଏମ୍), ଏସ୍.ବି.ଖେରନାର (ଡିଜିଏମ), ଏମ୍.ଏମ୍. ସ୍ୱାଇଁ (ଡିଜିଏମ) ପ୍ରମୁଖ ବିସି ମଡେଲର ବହୁମୁଖୀ କାର୍ଯ୍ୟ ଓ ସଫଳତା ସମ୍ପର୍କରେ କହିଥିଲେ। ୩୦୧ ପୋଷ୍ୟ ଗ୍ରାମରେ ଶତପ୍ରତିଶତ ସାମାଜିକ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ୨୬ଜଣ ବିସିଙ୍କୁ ସମ୍ମାନିତ କରାଯାଇଥିଲା। ଏଫ୍‌ଏଲ୍‌ସିର ନିର୍ଦ୍ଦେଶକ ବ୍ରଜକିଶୋର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିତେନ୍ଦ୍ର ପାଟଜୋଷୀ, ଏଜିଏମ (ଏଫ୍‌ଆଇ) ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଏସ୍‌ବିଆଇର ଅଧିକାରୀ ଓ ଅନ୍ୟମାନେ ।

**ସ୍ମୃତି ବାଣ୍ଟିଲେ ପୁରାତନ ଛାତ୍ରୀଛାତ୍ର**

ଡେଲାଙ୍ଗ,(ଡି.ଏନ୍.ଏ.): ସୋମନାଥ ଦେବ ବିଦ୍ୟାପୀଠରେ ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ନିରଞ୍ଜନପୁର ସ୍ଥିତ ଦକ୍ଷିଣକାଳୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ସୁବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ତୋଫାନ ଦଳ ବେହେରା, ମିନାକ୍ଷୀ ପ୍ରଧାନଙ୍କ ସହ ୫୦ଜଣ ପୂର୍ବତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରୁ ଦିବଂଗତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହପାଠୀଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ସ୍ମୃତି ବାଣ୍ଟିଥିଲେ। ବିଦ୍ୟାଳୟରେ ଗତବର୍ଷ ମାଟ୍ରିକ୍‌ରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ଉତ୍ସାହ ବଢାଇବା ଲକ୍ଷ୍ୟ ନେଇ ଆଗାମୀ ଦିନରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

## ସଂକ୍ଷେପରେ

### ୩୧ରୁ ଦିଆଯିବ ପୋଲିଓ ବୁନ୍ଦା

ପୁରୀ ଅଫିସ,୨୯।୧: ଆସନ୍ତା ୩୧ ତାରିଖରୁ ପୋଲିଓ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଶୁକ୍ରବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତାରେ ଏକ ଟାସ୍କଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିଓ ବୁନ୍ଦା ପ୍ରଦାନ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ସୂଚନା ଅନୁଯାୟୀ, ୧ ଲକ୍ଷ ୮୩ ହଜାର ୫୦୮ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଏଥିପାଇଁ ୨ ଲକ୍ଷ ୩୩ ହଜାର ୫୬ ଡୋଜ୍ ଧାର୍ଯ୍ୟ ହୋଇଛି। ପ୍ରଥମ ଦିନ ୭୬୬ ବୁଥରେ ବୁନ୍ଦା ପ୍ରଦାନ କରାଯିବ। ଏହାପରେ ୧ ଓ ୨ ତାରିଖରେ ଘର ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକ ଓ ବୁଲା ବେପାରୀଙ୍କ ପିଲାଙ୍କୁ ମଧ ସାମିଲ କରାଯିବ। ତେବେ ସମୁଦାୟ ୩ ଲକ୍ଷ ୬୩ ହଜାର ୩୮ଟି ପରିବାର ପାଖରେ ପହଞ୍ଚିବା ପାଇଁ ଯୋଜନା କରାଯାଇଛି। ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଏବଂ ଏଏନ୍‌ଏମ୍‌ମାନେ ପୋଲିଓ ବୁନ୍ଦା ପ୍ରଦାନ କରିବେ। ରୋଟାରି କ୍ଲବ୍ ପୁରୀ ସାଗର ପକ୍ଷରୁ ଧୋବାଖାଲ ପୋଲିଓ ବୁଥ୍‌କୁ ମଡେଲ୍ ବୁଥ୍ କରାଯିବ। ବୁନ୍ଦା ପ୍ରଦାନ ପାଇଁ ୨୪ଟି ଭ୍ରାମ୍ୟମାଣ ଟିମ୍ ଗଠନ ହୋଇଛି। ସେହିଭଳି ୩ ହଜାର ୬୪ ଜଣ ବୁନ୍ଦା ପ୍ରଦାନକାରୀ ଓ ୧୬୨ ଜଣ ସୁପରଭାଇଜର ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ଟାସ୍କଫୋର୍ସ କମିଟି ବୈଠକରେ ଜିଲାପାଳ ସମର୍ଥ ବର୍ମା, ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟା ମଞ୍ଜରୀ ଦାସ, ଏଡିଏମ୍‌ଓ ଦେବୀ ପ୍ରସାଦ ମହାପାତ୍ର ଏବଂ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ତଦାରଖ କଲେ କାୟାକଳ୍ପ ଟିମ୍

ଗୋପ,୨୯।୧(ଡି.ଏନ୍.ଏ.): ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେବା ସହ ସ୍ୱଚ୍ଛତା ଉପରେ ଅଧିକ ଯତ୍ନବାନ ହେବା ଲକ୍ଷ୍ୟ ନେଇ ଶୁକ୍ରବାର ରାଜ୍ୟର ଏକ କାୟାକଳ୍ପ ଟିମ ପୁରୀ ଜିଲାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଏହି ଟିମ୍‌ର ଡ. ଦୀପକ ବିଷୋୟୀଙ୍କ ନେତୃତ୍ୱରେ ୪ଜଣ ସଦସ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବୁଲି ଦେଖିବା ସହ ଆଉ କେତେକ ସରକାରୀ ଯୋଜନା କିପରି ଚାଲିଛି ତାହା ପଚାରି ବୁଝିଥିଲେ। ପ୍ରତ୍ୟେକ ଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଶତାଧିକ ରୋଗୀ ଚିକିତ୍ସା ନିମନ୍ତେ ଆସୁଥିବା ବେଳେ କିପରି ସେମାନଙ୍କୁ ଠିକ ଭାବରେ ସେବା ମିଳିବ, ଆବଶ୍ୟକସ୍ଥଳେ ମାଗଣା ଆମ୍ବୁଲାନ୍ସ ଯୋଗାଇ ଦିଆଯିବା, ପିଇବା ପାଣି, ଶୌଚାଳୟ ସହ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ବୁଲି ଦେଖିଥିଲେ। ୧ ଘଣ୍ଟା ପର୍ଯ୍ୟନ୍ତ କାୟାକଳ୍ପ ଟିମ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବା ସହ ରୋଗୀଙ୍କୁ କିପରି ମାଗଣା ଔଷଧ ମିଳୁଛି କି ନାହିଁ ଓ ସ୍ୱାସ୍ଥ୍ୟ ସେବା ସହ ଅନ୍ୟାନ୍ୟ ସରକାରୀ ଯୋଜନା ଠିକ ଭାବରେ ମିଳୁଛି ନା ନାହିଁ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ପଚାରି ବୁଝିଥିଲେ। ବିଶେଷ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଫୁଲ, ଔଷଧୀୟ ବୃକ୍ଷ, ଅନ୍ୟାନ୍ୟ କାର୍ଯ୍ୟ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ଶିବ ପ୍ରସାଦ ମଙ୍ଗରାଜ, ଡ. ଯସ୍ମିନ ଆମ୍ରୋଜ, ଡ. ଗୋପବନ୍ଧୁ ପଟ୍ଟନାୟକ, ଡ. ସରିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ସ୍କାନରରେ କୋଟିପତି ଆର୍‌ଆଇ

**ପୁରୀ ଅଫିସ/ରାଜନଗର, ୨୯।୧(ଡି.ଏନ୍.ଏ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୁରୀ ଦକ୍ଷିଣ ଓ ବାଲୁଖଣ୍ଡ ୧୦୮ ରାଜସ୍ୱ ସର୍କଲର ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ବସନ୍ତ କୁମାର ମହାନ୍ତିଙ୍କ ବାସଭବନ ଓ ସରକାରୀ କାର୍ଯ୍ୟାଳୟ ସମେତ ୮ଟି ସ୍ଥାନରେ ଶୁକ୍ରବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି। ଜମି କିଣାବିକାରେ ଦୁର୍ନୀତି, ମୂଲ୍ୟବାନ ଜମିର କିସମ ପରିବର୍ତ୍ତନ ଓ ଜମିପଟ୍ଟା ଅଦଳବଦଳ ଆଦି ଅଭିଯୋଗରେ ଏହି ଚଢ଼ାଉ ହୋଇଛି। ତାଙ୍କର ୧ କୋଟି ୫୩ ଲକ୍ଷ ୪୯ ହଜାର ୬୭ ଟଙ୍କାର ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ବିଭାଗ ସୂଚନା ଦେଇଛି।

ପୁରୀ ଫ୍ରେଣ୍ଡସ କ୍ଲବ ଅଞ୍ଚଳରେ ଥିବା ତାଙ୍କର ୨ଟି ଘର, ପେଣ୍ଠକଟାସ୍ଥିତ ଘର, ବାଲିଘାଟସ୍ଥିତ ସମ୍ପର୍କୀୟଙ୍କ ଘର, ପୁରୀରେ ଦୁଇଟି ସରକାରୀ କାର୍ଯ୍ୟାଳୟ ସମେତ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ପୈତୃକ ବାସଭବନରେ ଭିଜିଲାନ୍ସ ଅଧିକାରୀମାନେ ସକାଳେ ଚଢ଼ାଉ


ବସନ୍ତ କୁମାର ମହାନ୍ତିଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ଚାଲିଛି।

- ଘର, କାର୍ଯ୍ୟାଳୟ ସମେତ ୮ ସ୍ଥାନରେ ଚଢ଼ାଉ
- ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

କରିଛନ୍ତି। ସେହିପରି ବସନ୍ତଙ୍କ ଭାଇ ସମିତି ସଭ୍ୟ ସନ୍ତୋଷ କୁମାର ମହାନ୍ତିଙ୍କ କୁରୁଣ୍ଟିସ୍ଥିତ ବାସଭବନରେ ଚଢ଼ାଉ କରାଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଇନ୍ସପେକ୍ଟର ଶିବନାରାୟଣ ଭଦ୍ରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଛି।

ଭିଜିଲାନ୍ସ ବିଭାଗ ସୂଚନା ଅନୁଯାୟୀ, ବସନ୍ତଙ୍କର ପୁରୀ କୁମୁଟିବଗିଚାରେ ୪୯ ଲକ୍ଷ ୭୮ ହଜାର ୯୯୩ ମୂଲ୍ୟର ତିନି ମହଲା କୋଠା, ପୁରୀ ଚର୍ଚ୍ଚ ଲେନ୍‌ରେ ୨୬ ଲକ୍ଷ ୭ ହଜାର ୪ଶହ ଟଙ୍କା ମୂଲ୍ୟର ଦୁଇମହଲା କୋଠା, ପୁରୀ ଫ୍ରେଣ୍ଡସ୍ କ୍ଲବ ଅଞ୍ଚଳସ୍ଥ ୩ ଲକ୍ଷ ୭୧ ହଜାର ୩୭୨ ଟଙ୍କା ମୂଲ୍ୟର ଦୁଇଟି କୋଠା ଓ ଦେଢ଼ ଲକ୍ଷ ଟଙ୍କାର ଏକ ଜମି ରହିଛି। ସେହିଭଳି ତାଙ୍କର ୫ଟି ଦୁଇଚକିଆ ଯାନ ଥିବାବେଳେ ଏହାର ମୂଲ୍ୟ ୨ ଲକ୍ଷ ୧୨ ହଜାର ୯୧୦ ବୋଲି ଆକଳନ କରାଯାଇଛି। କେନ୍ଦ୍ରାପଡ଼ାସ୍ଥିତ ବାସଭବନର ମୂଲ୍ୟ ୧୧ ଲକ୍ଷ ୬୪ ହଜାର ୭୭୨ ଟଙ୍କା। ଏହାବ୍ୟତୀତ ୫୨ ଲକ୍ଷ ୧୫ ହଜାର ୩୭୩ ଟଙ୍କାର ବ୍ୟାଙ୍କ ବାଲାନ୍ସ, ୩ ଲକ୍ଷ ୨ ହଜାର ଟଙ୍କାର ସୁନା ଓ ରୁପା ଅଳଙ୍କାର, ୭୭ ହଜାର ୮୩୮ ନଗଦ ଟଙ୍କା ଓ ଗୃହ ସରଞ୍ଜାମ ୨ ଲକ୍ଷ ୬୮ ହଜାର ୦୯୫ ଟଙ୍କା ରହିଛି। ବସନ୍ତ ୨୦୧୯ରେ ଅବସର ନେବା ପରେ ପୁନଃ ଅବସ୍ଥାପିତ ହୋଇ ଏବେ ବାଲୁଖଣ୍ଡର ଇନଚାର୍ଜ ଆର୍‌ଆଇ ରହିଛନ୍ତି। ସେ ଶ୍ରୀସେତୁ ଓ ଶ୍ରୀମନ୍ଦିର ଐତିହ୍ୟ କରିଡର କାର୍ଯ୍ୟରେ ମଧ ନିୟୋଜିତ ଥିଲେ।

# ଏଣିକି ଯେକୌଣସି ଆର୍‌ଟିଓରେ ଗାଡ଼ି ନବୀକରଣ

## ପରିବହନ ବିଭାଗର ନୂଆ ନିୟମ

**କଟକ ଅଫିସ,୨୯।୧**

ଏଣିକି କୌଣସି ଗାଡ଼ିର ପଞ୍ଜୀକରଣ ଅବଧି ଶେଷ ହୋଇଯିବା ପରେ ଏହାର ନବୀକରଣ ପାଇଁ ମୂଳ ଆରଟିଓଙ୍କ ନିକଟକୁ ଯିବାକୁ ପଡିବ ନାହିଁ। ଜଣେ ବ୍ୟକ୍ତି ଯେ କୌଣସି ସ୍ଥାନରୁ ଗାଡି କିଣିଥିଲେ ମଧ ସେ ଅନ୍ୟ ଆରଟିଓଙ୍କ ନିକଟରେ ନବୀକରଣ(ଫିଟ୍‌ନେସ୍) ଆବେଦନ କରିପାରିବେ ବୋଲି ପରିବହନ ବିଭାଗ ପକ୍ଷରୁ ଏକ ନୂତନ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ପରୀକ୍ଷାମୂଳକ ଭାବେ ପ୍ରତ୍ୟେକ ଆରଟିଓରେ ଲାଗୁ ହୋଇଛି। ନିୟମ ଅନୁଯାୟୀ, କୌଣସି ଗାଡ଼ି ପଞ୍ଜୀକରଣର ୧୫ବର୍ଷ ପରେ ଏହାର ନବୀକରଣର ଆବଶ୍ୟକତା ପଡିଥାଏ। ଏଥିପାଇଁ ମାଲିକ ଯେଉଁ ଆରଟିଓ ଅଧୀନରେ ଗାଡ଼ି କିଣିଥାନ୍ତି ସେଠାରେ ନବୀକରଣ ଲାଗି ଆବେଦନ କରିଥାନ୍ତି। ଏମ୍‌ଭିଆଇ ଗାଡି ଯାଞ୍ଚ କରିବା ପରେ ଯଦି ଏହାର ସ୍ଥିତି ଠିକ୍ ଥାଏ ତା'ହେଲେ ୫ବର୍ଷ ଲାଗି ନବୀକରଣ ପାଇଁ ମଞ୍ଜୁର କରିଥାନ୍ତି। ତେବେ ଅନେକ ସମୟରେ ଜଣେ ମାଲିକ ଯେଉଁ ଆରଟିଓଙ୍କ ଅଧୀନରେ ଗାଡି କିଣିଥାନ୍ତି ୧୫ବର୍ଷ ବେଳକୁ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥାନ୍ତି। ଫଳରେ ଏଭଳି ମାଲିକଙ୍କୁ ପୁଣି ମୂଳ ଆରଟିଓକୁ ଆସି ପଞ୍ଜୀକରଣ ପାଇଁ ଆବେଦନ କରିବାକୁ ସମସ୍ୟା ହୋଇଥାଏ। ଏବେ ଏହି ନୂଆ ନିୟମ ଏଭଳି ମାଲିକଙ୍କୁ ଆଶ୍ୱସ୍ତି ଆଣି ଦେଇଛି।

### ୧୫ଦିନ ହେଲା ବ୍ଲକ ପିଇଓ ନିଖୋଜ

**ନିମାପଡ଼ା,୨୯।୧(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଅନିଲ କୁମାର ପ୍ରଧାନ ଗତ ୧୫ଦିନ ହେବ ନିଖୋଜ ଅଛନ୍ତି। ଏ ନେଇ ତାଙ୍କ ପରିବାର ଓ ବ୍ଲକ କର୍ମଚାରୀମାନେ ଚିନ୍ତାରେ ଅଛନ୍ତି। ସେ ଗତ ୨ବର୍ଷ ହେବ ଏହି ବ୍ଲକର ଭିଲିଗ୍ରାମ ଓ ବଡ଼ମାଛପୁର ପଞ୍ଚାୟତରେ ପିଇଓ ଭାବେ ଦାୟିତ୍ୱରେ ରହି କାର୍ଯ୍ୟ କରୁଛନ୍ତି। ଅନିଲଙ୍କ ଘର କନ୍ଧମାଳ ଜିଲା ଦାରିଙ୍ଗିବାଡ଼ି ଥାନା ଅନ୍ତର୍ଗତ ପାଡ଼ନକିତା ଗ୍ରାମରେ। ସେ ଗତ ୧୩ତାରିଖରେ ବାଇକ୍‌ରେ ନିମାପଡ଼ାରୁ ଘରକୁ ଯାଇ ୧୫ତାରିଖରେ ଫେରିଥିବା ତାଙ୍କ ସମ୍ପର୍କୀୟ ଚୁନା ପ୍ରଧାନ କହିଛନ୍ତି। ହେଲେ ନିମାପଡ଼ାରେ ନ ପହଞ୍ଚିବା ସହ କୌଣସି ପତ୍ତା ନ ମିଳିବାରୁ ଅନିଲଙ୍କ ଦାଦା ଅଭ୍ରାମ ପ୍ରଧାନ ଗତ ୧୯ତାରିଖରେ ଦାରିଙ୍ଗବାଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପତ୍ତା ମିଳିପାରି ନ ଥିବା ଅନିଲଙ୍କ ଭାଇ କହିଛନ୍ତି। ଅନ୍ୟପଟେ ଅନିଲ ନିଖୋଜ ସମ୍ପର୍କରେ ବିଡିଓ ମନୋଜ କୁମାର ବେହେରା ଜିଲା ପଞ୍ଚାୟତ ଅଧିକାରୀ (ଡିପିଓ) ଓ ଜିଲା ପ୍ରଶାସନକୁ ଅବଗତ କରାଇଥିବା କହିଛନ୍ତି।


ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶୁକ୍ରବାର ମଞ୍ଚସ୍ଥ ନାଟକ 'ଏକ ଦୁଇ ତିନି'ରେ କଳାକାରମାନେ ଅଭିନୟ କରୁଥିବା ସମୟର ଏକ ଦୃଶ୍ୟ।

# ଭିକାରୀ ଚରଣ ବିଦ୍ୟାନିକେତନର ବାର୍ଷିକୋତ୍ସବ

**କଣାସ,୨୯।୧(ଡି.ଏନ୍.ଏ.)**

କଣାସ ବ୍ଲକର ବକୁସ୍ଥିତ ଭିକାରୀ ଚରଣ ସଂଯୁକ୍ତ ବିଦ୍ୟାନିକେତନରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ସ୍ୱର୍ଗତ ଭିକାରି ଚରଣ ମଙ୍ଗରାଜଙ୍କ ଜୟନ୍ତୀ ଅବସରରେ ବିଦ୍ୟାଳୟର ୬୧ତମ ବାର୍ଷିକୋତ୍ସବ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଜଗ୍‌ଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସାହିତ୍ୟ ଅନୁଷ୍ଠାନ ଭାରତୀର ରାଜ୍ୟ ସମ୍ପାଦକ ଡ. କୃଷ୍ଣ କେଶବ ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବରେ ସାମ୍ପ୍ରତିକ ଶିକ୍ଷାବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଗୁରୁ ଶିଷ୍ୟମାନଙ୍କ ମଧରେ ପବିତ୍ର ସମ୍ପର୍କ ଅତୁଟ ରଖିବା ସହିତ ସମାୟାନୁବର୍ତ୍ତିତା, କଠିନ ପରିଶ୍ରମ, ସ୍ପଷ୍ଟବାଦୀ ହୋଇ ଦେଶ ଓ ଜାତିର ବିକାଶରେ ନିଜକୁ ସାମିଲ କରିବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଆରମ୍ଭରେ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ରାୟଟସିଂହ ବାର୍ଷିକ ବିବରଣୀ ପଠନ କରିଥିଲେ। ଅନ୍ୟତମ ଅତିଥିଭାବେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ନୀଳାଦ୍ରି ମୋହନ ଶତପଥୀ, ସାହିତ୍ୟିକ ତଥା ପରିବେଶବିତ୍ ଡ. ଦିଲୀପ ଶ୍ରୀଚନ୍ଦନ ଯୋଗଦେଇଥିଲେ। ଶିକ୍ଷାବିତ ବଂଶୀଧର ଜଗଦେବ, ଲକ୍ଷ୍ମୀଧର ଜଗଦେବ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ଡେଲାଙ୍ଗ,୨୯।୧(ଡି.ଏନ୍.ଏ.)**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ ବେଗୁନିଆପଡ଼ା ଗ୍ରାମର ଅମୃତେଶ୍ୱର ଦେବଙ୍କ ପୀଠରେ ୨୭ତମ ବିଶ୍ୱଶାନ୍ତି ମହାଯଜ୍ଞ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୩୦ଜଣ ମାନସିକଧାରୀ ନିକଟସ୍ଥ ଦୟାନଦୀରୁ କଳସ ଯାତ୍ରା କରି ଯଜ୍ଞ ସ୍ଥଳରେ ସ୍ଥାପନା କରିଥିଲେ। ରମେଶଚନ୍ଦ୍ର ହାତୀ ଓ ତାଙ୍କ ସ୍ତ୍ରୀ ପ୍ରଭାସିନୀ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୁରୋହିତ ପଦ୍ମଚରଣ ମିଶ୍ର, ମଧୁସୂଦନ ମିଶ୍ର, ଦାଶରଥି ମିଶ୍ର ଓ ସାଥିମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ନିତ୍ୟଯୋଗ, ଚଣ୍ଡୀପାଠ, ଗୀତାପାଠ, ମନ୍ତ୍ର ହୋମ କରାଯାଇଥିଲା।

## ସହର ଖବର

### ନାଟ୍ୟଜଗତ ପ୍ରତି ବ୍ୟୋମକେଶଙ୍କ ତ୍ୟାଗ ଅତୁଳନୀୟ

ପୁରୀ ଅଫିସ,୨୯।୧: ସ୍ମୃତି ସମିତି ପକ୍ଷରୁ ନାଟ୍ୟ ସଞ୍ଜିବନୀ ବ୍ୟୋମକେଶ ତ୍ରିପାଠୀଙ୍କର ୯୨ତମ ଜନ୍ମ ଉତ୍ସବ ଶୁକ୍ରବାର ଅନ୍ନପୂର୍ଣ୍ଣା ଥିଏଟରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ମୃତି ଜାଗରଣ ସଭା ଆୟୋଜିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ସଭାରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସୁରେଶ ମିଶ୍ର ଓ ମୁଖ୍ୟବକ୍ତା ଭାବେ ସଂଘମିତ୍ରା ମିଶ୍ର ଯୋଗଦେଇଥିଲେ। ନାଟ୍ୟଜଗତ ପ୍ରତି ବ୍ୟୋମକେଶଙ୍କ ଅତୁଳନୀୟ ତ୍ୟାଗ ରହିଛି ଓ କଳାକୁ ଅଧିକ ଉତ୍କର୍ଷ କରିବା ପାଇଁ ତାଙ୍କର ପ୍ରୟାସ ସମ୍ମାନଯୋଗ୍ୟ ବୋଲି ଅତିଥିମାନେ କହିଥିଲେ। ସଭା ପରେ ବ୍ୟୋମକେଶଙ୍କ ଲିଖିତ ପ୍ରଥମ ନାଟକ 'ଏକ, ଦୁଇ, ତିନି' ମଞ୍ଚସ୍ଥ ହୋଇଥିଲା। ବଳରାଜ ତ୍ରିପାଠୀ ଏହାର ସମ୍ପାଦନା ଓ ବିକ୍ରମ କୁମାର ସାହୁ ସହସମ୍ପାଦନା କରିଥିଲେ। ନାଟକରେ ପତିତ ପରିଡ଼ା, ସଂଗ୍ରାମ ଦାଶ, ବିକାଶ ଦତ୍ତ, ସମୀର ଶତପଥୀ, ମାୟା ଓ ନିତୁ ପ୍ରମୁଖ ଅଭିନୟ କରିଥିଲେ।

### ନିର୍ବାଚନ ସଂକ୍ରାନ୍ତ ତାଲିମ ନେଲେ ନୋଡାଲ ଅଫିସର

ପୁରୀ ଅଫିସ,୨୯।୧: ପିପିଲି ବିଧାନସଭା ଉପନିର୍ବାଚନ ନିମନ୍ତେ ଚାଲିଥିବା ଦୁଇଦିନିଆ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନୋଡାଲ୍ ଅଫିସରମାନଙ୍କୁ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ସଂକ୍ରାନ୍ତ ତାଲିମ ଦିଆଯାଇଛି। ମାଷ୍ଟର ଟ୍ରେନରମାନେ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଆଦର୍ଶ ଆଚରଣ ବିଧି ଓ ନିର୍ବାଚନ ଖର୍ଚ୍ଚ ତଦାରଖ ସମ୍ବନ୍ଧିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିଭଳି ଇଭିଏମ୍, ଭିଭିପାଟ୍, ସମ୍ବେଦନଶୀଳ ବୁଥ୍ ଚିହ୍ନଟ ଓ ସୁରକ୍ଷାକର୍ମୀ ମୁତୟନ ସଂକ୍ରାନ୍ତରେ ଉପମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ତାଲିମ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।

### 'ଅନଲାଇନ୍ ବ୍ୟବସାୟ ଯୋଗୁ ରିଟେଲ ଦୋକାନୀ କ୍ଷତି ସହୁଛନ୍ତି'


ଖବରଦାତା ସମ୍ମିଳନୀରେ ଆସୋସିଏଶନର କର୍ମକର୍ତ୍ତାମାନେ।

ପୁରୀ ଅଫିସ,୨୯।୧: ଗ୍ରାହକମାନେ ଉଭୟ ରିଟେଲ୍ ଓ ଅନଲାଇନ୍ ମାଧମରେ ମୋବାଇଲ ଫୋନ୍ କିଣୁଛନ୍ତି। ମାତ୍ର ବ୍ୟାଙ୍କଗୁଡ଼ିକର ଟଙ୍କା ଛାଡ଼ ପଦ୍ଧତି ଯୋଗୁ ରିଟେଲ୍ ଦୋକାନୀମାନେ କ୍ଷତି ସହୁଛନ୍ତି ବୋଲି ଅଲ୍ ଇଣ୍ଡିଆ ମୋବାଇଲ ରିଟେଲ୍ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ମଦନ ଲାଲ୍ ଅଗ୍ରୱାଲ କହିଛନ୍ତି। ଅଗ୍ରୱାଲ ଆହୁରି କହିଛନ୍ତି ଯେ, ଅନ୍‌ଲାଇନରେ ମୋବାଇଲ ଫୋନ୍ ଅର୍ଡର କଲେ କ୍ରେଡିଟ୍ ଓ ଡେବିଟ୍ କାର୍ଡ ୟୁଜର୍ସମାନଙ୍କୁ ୧୦ରୁ ୧୫ ପ୍ରତିଶତ ରିହାତି ମିଳୁଛି। ଯାହାଦ୍ୱାରା ଗ୍ରାହକ ଅନଲାଇନରେ ମୋବାଇଲ ଫୋନ୍ କିଣିବାକୁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୌଣସି ମୋବାଇଲ କମ୍ପାନୀ ରିହାତି ଦେଉ ନ ଥିବା ବେଳେ ବ୍ୟାଙ୍କ କମ୍ ମୂଲ୍ୟରେ ମୋବାଇଲ ବିକ୍ରିକୁ ପ୍ରୋତ୍ସାହିତ କରୁଛି। ଏହାଫଳରେ ବଜାରରେ ଅନ୍‌ଲାଇନ ବେପାର ଜମୁଥିବାବେଳେ ରିଟେଲ୍ ଦୋକାନୀ କ୍ଷତି ସହୁଛନ୍ତି। ଅନ୍‌ଲାଇନ ସେବାରେ କୌଣସି ସମସ୍ୟା ନାହିଁ। ମାତ୍ର ଅନଲାଇନ ଓ ରିଟେଲ୍ ଦୋକାନୀଙ୍କ ମଧରେ ଏକ ସୁସ୍ଥ ପ୍ରତିଯୋଗିତା ବଜାର ପ୍ରତିଷ୍ଠା ହେବା ନିହାତି ଆବଶ୍ୟକ, ଯାହା ହୋଇପାରୁ ନାହିଁ। ସେହିଭଳି ଇ-କମର୍ସ କମ୍ପାନୀ ମଧ ଅନୈତିକ ଉପାୟରେ ଅର୍ଥ ଛାଡ଼ କରି ବଜାରକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି। ଆସୋସିଏଶନ୍ ଏହାକୁ ଦୃଢ ବିରୋଧ କରୁଥିବା ବେଳେ ଆଗାମୀ ଦିନରେ ଏ ନେଇ ପଦକ୍ଷେପ ନେବ ବୋଲି ଅଗ୍ରୱାଲ କହିଛନ୍ତି।

# ପ୍ରଥମେ ନାମାଙ୍କନପତ୍ର ଦାଖଲ କଲେ ଚିନ୍ମୟ

## ନୂଆଶାସନରେ ସରପଞ୍ଚ ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ

**ପିପିଲି,୨୯।୧(ସ୍ୱ.ପ୍ର.)**

କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପିପିଲି ବ୍ଲକ ନୂଆଶାସନ ପଞ୍ଚାୟତରେ ପୁନର୍ବାର ସରପଞ୍ଚ ଉପନିର୍ବାଚନ ହେବାକୁ ଥିବାବେଳେ ଶୁକ୍ରବାର ପ୍ରଥମ କରି ନାମାଙ୍କନ ପତ୍ର ଦାଖଲ ହୋଇଛି। ବିଜେଡି ସମର୍ଥିତ ପ୍ରାର୍ଥୀ ଚିନ୍ମୟ ମହାପାତ୍ର ପିପିଲି ବିଜେଡି ମୁଖ୍ୟ କାର୍ଯ୍ୟାଳୟଠାରୁ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ପିପିଲି ବଜାର ଦେଇ ବ୍ଲକକୁ ଆସିଥିଲେ। ବ୍ଲକରେ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ବିଡିଓ ଶୈଳବାଳା ତ୍ରିପାଠୀ ଓ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ନୀଳକଣ୍ଠ ବେହେରାଙ୍କୁ ୫ସେଟ ସମ୍ବଳିତ ନାମାଙ୍କନ ପତ୍ରକୁ ଚିନ୍ମୟ ଦାଖଲ କରିଥିଲେ। ଏଥିରେ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ସନ୍ଧ୍ୟାରାଣୀ ବିଶ୍ୱାଳ, ପିପିଲି ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ଡେଲାଙ୍ଗ ସଭାପତି ବୈରାଗୀ ଜେନା, ପିପିଲି ବ୍ଲକ ଅଧକ୍ଷା କଳ୍ପନା ସାମନ୍ତରାୟ, ଡେଲାଙ୍ଗ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ , ଆତ୍ମା ଅଧକ୍ଷ ଧରଣୀଧର ସାହୁ,ପିପିଲି ବ୍ଲକ ଉପାଧକ୍ଷ ଯୁଧିଷ୍ଠିର ସ୍ୱାଇଁ, କିଶୋର ଛୋଟରାୟ, ପୁରୀ ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ରାଧାମଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉ କି, ଏହି ପଞ୍ଚାୟତରେ ପୂର୍ବରୁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ପ୍ରଫୁଲ୍ଲ ମେକାପଙ୍କ ୩ ସନ୍ତାନ ଥିବା କାରଣରୁ ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱୀ ଭାବେ ଲଢୁଥିବା ସୌମ୍ୟକାନ୍ତ ଦାଶ ପିପିଲି କୋର୍ଟରେ ଏକ ମାମଲା ଦାଏର କରିଥିଲେ। ଏହି ମାମଲାକୁ ଗ୍ରହଣ କରି ବିଚାରପତି ୨୬.୧.୧୯ରେ ପ୍ରଫୁଲ୍ଲଙ୍କୁ ସରପଞ୍ଚ ପଦକୁ ରଦ୍ଦ କରିବା ସହ ପ୍ରତିଦ୍ୱନ୍ଦ୍ୱୀ ସୌମ୍ୟକାନ୍ତଙ୍କୁ ଦାୟିତ୍ୱ ଦେବା ପାଇଁ ତତ୍‌କାଳୀନ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ପ୍ରଫୁଲ୍ଲ ମଧ କୋର୍ଟରେ ପିଟିଶନ୍ ଦାୟର କରିଥିଲେ। ଶେଷରେ ଏହି ବାଦ ବିବାଦର ଅନ୍ତ ଘଟାଇ ଉପନିର୍ବାଚନ ପାଇଁ ପିପିଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଫେବୃୟାରୀ ୨୪ରେ ନିର୍ବାଚନ ହେବ।



ସାତପଡ଼ାଠାରୁ ଜହ୍ନିକୁଦା ସେତୁ ନିର୍ମାଣ ଦାବିରେ ଆମ ପରିଚୟ ସଙ୍ଗଠନ ପକ୍ଷରୁ ଶୁକ୍ରବାର ପୁରୀ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ।

# ରାସ୍ତାରେ ଡ୍ରେନ୍ ପାଣି, ଯାତାୟାତ ବାଧାପ୍ରାପ୍ତ

**ଜଟଣୀ,୨୯।୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅଧୀନ ୧୨ନମ୍ବର ୱାର୍ଡ ରାସ୍ତାରେ ଡ୍ରେନ୍ ପାଣି ଜମି ରହି କୃତ୍ରିମ ଗାଡ଼ିଆର ଭ୍ରମ ସୃଷ୍ଟି କରୁଛି। ଫଳରେ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ, ଫ୍ଲାଏ ଓଭର ବ୍ରିଜ ନିର୍ମାଣ ନିମନ୍ତେ ମୁଖ୍ୟ ରାସ୍ତାକୁ ଥାନା ଛକଠାରୁ ଟାଉନହଲ ଏବଂ କୋର୍ଟଦେଇ ସୀତାରାମ ଛକକୁ ଡାଇଭର୍ଟ କରାଯାଇଛି। ଫଳରେ ଶହ ଶହ ଗାଡ଼ି ଖୋର୍ଦ୍ଧାରୁ ପିପିଲି ଏବଂ ପୁରୀକୁ ଯାତାୟାତ କରୁଛନ୍ତି। ଅଣଓସାରିଆ ରାସ୍ତା ପାଇଁ ଅନେକ ସମୟରେ ଟ୍ରାଫିକ୍ ଜାମ ହେଉଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଉକ୍ତ ରାସ୍ତାରେ ନର୍ଦ୍ଦମା ପାଣି ଜମି ରହିବା ଫଳରେ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌରପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ସମସ୍ୟାର ସମାଧାନ କରିବା ଲାଗି ସାଧାରଣରେ ଦାବି ହେଉଛି।

# ବିବାଦ ତୁଟାଇ ପାରିନି ପ୍ରଶାସନ

## ନୀତି ବିଳମ୍ବ, ଦୋଷ କାହାର

**ପୁରୀ ଅଫିସ, ୨୯।୧**

ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଥିଲା। ତେବେ ଏହି ବେଶ ନୀତିକାନ୍ତିରେ ୫ଘଣ୍ଟାରୁ ଊର୍ଦ୍ଧ୍ୱ ବିଳମ୍ବ ଘଟିଥିଲା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କୁ ଦାୟୀ କରିଛି। ଦୁଇ ନିଯୋଗ ମଧରେ ନିଜ ନିଜ ଦାୟିତ୍ୱକୁ ନେଇ ଥିବା ଦ୍ୱନ୍ଦ୍ୱ କାରଣରୁ ଏଭଳି ଘଟିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି। ମାତ୍ର ଏଭଳି ଅଭିଯୋଗକୁ ଶ୍ରୀଜଗନ୍ନାଥ ସେବାୟତ ସମ୍ମିଳନୀ ଖାରଜ କରି ପ୍ରଶାସନିକ ତ୍ରୁଟି ଯୋଗୁ ବିଳମ୍ବ ହୋଇଥିବା ଦର୍ଶାଇଛି। ସମ୍ମିଳନୀ ପକ୍ଷରୁ କୁହାଯାଇଛି ଯେ, ଗତ ନାଗାର୍ଜୁନ ବେଶ ସମୟରେ ମଧ ସମାନ ବିବାଦ ସୃଷ୍ଟି ହୋଇଥିଲା। ସେତେବେଳେ ପ୍ରଶାସନ ଏ ନେଇ ଦୃଷ୍ଟି ଦେଇ ନ ଥିଲା। ଫଳରେ ଗୁରୁବାର ପୁଣି ଥରେ ରତ୍ନବେଦିରେ ସଂଖ୍ୟାଧିକ ସେବାୟତ ଚଢ଼ିବା ପ୍ରସଙ୍ଗରେ ବିବାଦ ଉପୁଜିଥିଲା। ଶ୍ରୀମନ୍ଦିର ପ୍ରଶାସନର ଜନୈକ କର୍ମଚାରୀ ଆସି ନୀତି ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ହିଁ ନୀତି ବନ୍ଦ ହୋଇଥିଲା। ଏହାକୁ ପ୍ରଶାସନିକ ନିର୍ଦ୍ଦେଶ ବୋଲି ମାନି ସେବାୟତମାନେ ସେବା ବନ୍ଦ କରିଥିଲେ। ସେବାୟତ ବିନାୟକ ଦାସମହାପାତ୍ର ମଧ ପ୍ରଶାସନ ଉପରେ ଦୋଷ ଲଦିଛନ୍ତି। ସେ କହିଛନ୍ତି, ଏହି ବିବାଦ ନୂଆ ନୁହେଁ। କେତେ ସଂଖ୍ୟକ ସିଂହାରୀ ସେବକ ପିଣ୍ଡି ଉପରେ ଚଢ଼ିବେ, ଏହାକୁ ନେଇ ଗତ ନାଗାର୍ଜୁନ ବେଶ ସମୟରେ ମଧ ବିବାଦ ହୋଇଥିଲା। ସେତେବେଳେ ପ୍ରାଥମିକତା ଦେଇ ପ୍ରଶାସନ ଏହାର ସମାଧାନ କରିବାର ଆବଶ୍ୟକତା ଥିଲା। ମାତ୍ର ସେପରି ନ ହେବା କାରଣରୁ ପୁଣି ଗୁରୁବାର ସୁନାବେଶ ବା ରାଜରାଜେଶ୍ୱର ସମାନ ବିବାଦ ଦେଖିବାକୁ ମିଳିଲା। ସୁନାବେଶ ଦର୍ଶନ ନେଇ ଭକ୍ତଙ୍କ ମଧରେ ଯଥେଷ୍ଟ ଆଗ୍ରହ ଥିଲେ ମଧ ସେମାନେ ଦର୍ଶନରୁ ବଞ୍ଚିତ ହେଲେ। ସେହିଭଳି ସୁଆର ସେବକମାନଙ୍କର ମଧ ବହୁ ପରିମାଣର ଅର୍ଥହାନି ହୋଇଛି। ମହାପ୍ରସାଦ ବାହାରିବାରେ ବିଳମ୍ବ ହେବାରୁ ଅବଢ଼ା ବିକ୍ରି ହୋଇ ପାରିଲା ନାହିଁ।

ଅନ୍ୟପକ୍ଷରେ ପ୍ରଶାସନ ଏ ନେଇ ସ୍ପଷ୍ଟ ଚିତ୍ର ଦେବାକୁ ଦ୍ୱିଧା ପ୍ରକାଶ କରୁଛି। ଶ୍ରୀମନ୍ଦିର ସେବାୟତଙ୍କ ଦାୟିତ୍ୱ ବଣ୍ଟନ ପାଇଁ ଏକ ସ୍ୱତ୍ୱଲିପି ରହିଛି। ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, କିଏ କେଉଁ ଦାୟିତ୍ୱରେ ରହିଛନ୍ତି ଓ କେତେ ଜଣ କେଉଁ କାର୍ଯ୍ୟ କରିବେ। ପ୍ରଶାସନ ଏହି ସ୍ୱତ୍ୱଲିପି ମାଧମରେ ସମସ୍ୟାର ସମାଧାନ କରିବା ସମ୍ଭବ। ମାତ୍ର ନାଗାର୍ଜୁନ ବେଶରେ ଉଠିଥିବା ବିବାଦ ଆସି ସୁନାବେଶରେ ପହଞ୍ଚିଥିଲେ ମଧ ଏପର୍ଯ୍ୟନ୍ତ ସମାଧାନର ରାସ୍ତା ଖୋଜାଯାଇ ନାହିଁ। ସମ୍ପୃକ୍ତ ପ୍ରସଙ୍ଗରେ ସେବାୟତ ଓ ପ୍ରଶାସନର ମତ ପାର୍ଥକ୍ୟ ଥିବା ସତ୍ତ୍ୱେ ଗୋଟିଏ କଥା ପାଇଁ ଉଭୟ ପକ୍ଷ ରାଜି। ଏକ ନିରପେକ୍ଷ ଯାଞ୍ଚ ଓ ସମସ୍ୟାର ସ୍ଥାୟୀ ସମାଧାନର ଆବଶ୍ୟକତା ରହିଛି। ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ତତ୍ତ୍ୱାବଧାନରେ ବିବାଦର ମୂଳପୋଛ ହେବା ଉଚିତ ବୋଲି ଉଭୟ ପକ୍ଷର ଅନେକେ ମତ ଦେଇଛନ୍ତି। ତେଣୁ ଏହା କେବେ ବାସ୍ତବ ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଫାଇନାଲରେ ଯଦୁମଣି ସ୍ପୋର୍ଟ୍ସ କ୍ଲବ

ନିରାକାରପୁର(ଡି.ଏନ୍.ଏ.): ଛଣଗିରି ଖେଳପଡ଼ିଆରେ ମା' ଭଗବତୀ ଫୁଟବଲ୍ ଆସୋସିଏଶନ ଅନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଘାଟିକିଆର ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବକୁ ହରାଇ ଇଟାମାଟିର ଯଦୁମଣି ସ୍ପୋର୍ଟ୍ସ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଯଦୁମଣି କ୍ଲବ ୩ଟି ଗୋଲ ଦେଇଥିବା ବେଳେ ବଜରଙ୍ଗୀ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ବିଶ୍ୱଜିତ୍ ସାହୁ, ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତ ପ୍ରଧାନ, ଫକିର ଚରଣ ନିଶଙ୍କ ମ୍ୟାଚ ପରିଚାଳନା କରିଥିଲେ। ସୁକାନ୍ତ ମଙ୍ଗରାଜ, ଘନଶ୍ୟାମ ସ୍ୱାଇଁ, ଭାଗୀରଥି ମହାପାତ୍ର, ଶରତ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ୧୨ ବାଇକ୍ ଜବତ, ୪ ଗିରଫ

**ଜଟଣୀ/ବୋଲଗଡ଼,୨୯।୧(ଡି.ଏନ୍.ଏ.):** ଜଟଣୀ ପୋଲିସ ଶୁକ୍ରବାର ୨ ବାଇକ୍ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ପଦନପୁର ଗ୍ରାମର ରାଜେନ୍ଦ୍ର ମହାପାତ୍ର ଓ ତିରୁମଲ୍ଲ ପଞ୍ଚାୟତ ଅଞ୍ଚଳର ରଘୁନାଥ ସେଠୀ। ଏମାନଙ୍କ ନିକଟରୁ ୧୦ଟି ବାଇକ୍ ଜବତ ହୋଇଛି। ଜବତ ହୋଇଥିବା ଗାଡିର ପ୍ରକୃତ ମାଲିକଙ୍କ କାଗଜପତ୍ର ଯାଞ୍ଚ କରାଯାଇ ଫେରାଇ ଦିଆଯିବ ବୋଲି ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ସେହିପରି ବାଇକ୍ ଚୋରି ଅଭିଯୋଗରେ ବୋଲଗଡ଼ ପୋଲିସ କେନ୍ଦୁପଲ୍ଲୀ ଗ୍ରାମର ସେଖ୍ ନିଜାମ ଓ ସେଖ୍ ଆଲମ ଅଲ୍ଲୀଙ୍କୁ ଗିରଫ କରିଛି। ଏମାନଙ୍କ ନିକଟରୁ ଦୁଇଟି ବାଇକ୍ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬/୨୧) ରୁଜୁକରି ତଦନ୍ତ ଚଳାଇଛି।

### ମୋରମ ଖଣିରେ ଚଢ଼ାଉ, ୨ ଗାଡ଼ି ଜବତ

**ଜଟଣୀ,୨୯।୧(ଡି.ଏନ୍.ଏ.):** ଜଟଣୀ ପୋଲିସ ଶୁକ୍ରବାର କୁଶୁମାଟି ଛଣଘର ପଞ୍ଚାୟତ ଅଧୀନ ଗୋପୀନାଥପୁରଠାରେ ଥିବା ଏକ ମୋରମ ଖଣିରେ ଚଢ଼ାଉ କରି ୨ଟି ଗାଡି ଜବତ କରିଛି। ସୂଚନା ମୁତାବକ, ଗୋପୀନାଥପୁରଠାରେ ଥିବା ଏକ ଖଣିରେ ବେଆଇନ ଭାବେ ମୋରମ କୋଳାଯାଉଥିବା ନେଇ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ତେବେ ମାଫିଆମାନେ ପୋଲିସକୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ପୋଲିସ ସେଠାରୁ ଏକ ହାଇୱା ଓ ଜେସିବିକୁ ଜବତ କରିଥିଲା। ସେହିପରି ଗତ ଗୁରୁବାର ରାତିରେ ଜଟଣୀ ଗେଟ୍ ଏନ୍ଏଚ୍-୫ନିକଟରୁ ମାଙ୍କଡା ପଥର ବୋଝେଇ ଟିପ୍ପର, ଟ୍ରକ୍ ସହିତ ମୋଟ ୪ଟି ଗାଡିକୁ ତହସିଲଦାର ତପନ ମହାପାତ୍ର ଜବତ କରିଛନ୍ତି।

### ସଲିଳ ସଭାପତି, ସନ୍ତୋଷ ସାଧାରଣ ସମ୍ପାଦକ

**ଟାଙ୍ଗୀ(ଖୋର୍ଦ୍ଧା),୨୯।୧(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଓ ନିର୍ବାଚନ ପ୍ରକ୍ରିୟା ଶୁକ୍ରବାର ଶ୍ରୀ ବଳରାମଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବସନ୍ତ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ ଓ ପୂର୍ବତନ ଶିକ୍ଷକ ନେତା ଗୋବିନ୍ଦ ଚନ୍ଦ୍ର ସାହୁ ସମ୍ମାନିତ ଅତଥିଭାବେ ଯୋଗଦେଇଥିଲେ। ପର୍ଯ୍ୟବେକ୍ଷକ ମୁଣ୍ଡ୍ରୀ ପଟ୍ଟନାୟକ ଉପସ୍ଥିତ ଥିବା ବେଳେ ଶିକ୍ଷକ ନେତା ଉମାକାନ୍ତ ନାୟକ ନିର୍ବାଚନ ପରିଚାଳନା କରିଥିଲେ। ନିର୍ବାଚନରେ ସଭାପତି ଭାବେ ସଲିଳ କୁମାର ସ୍ୱାଇଁ, ଉପସଭାପତି ଭାବେ ସମରେଶ ବେହେରା ଓ କୁନ୍ତଳା ସାହୁ, ସାଧାରଣ ସମ୍ପାଦକ ଭାବେ ସନ୍ତୋଷ କୁମାର ବେହେରା, ସହ ସମ୍ପାଦକ ନୀଳାଦ୍ରି କୁମାର ସିଂ, ଦେବାନନ୍ଦ ବେହେରା, ବିଧୁଭୂଷଣ ଦାସ, କୋଷାଧ୍ୟକ୍ଷ ଭାବେ ସିଦ୍ଧାର୍ଥ ମିଶ୍ର, ସଂଯୋଜକ ପ୍ରଦୀପ କୁମାର ମହାରଣା ଏବଂ ଉପଦେଷ୍ଟା ମଣ୍ଡଳୀକୁ ମୁଣ୍ଡ୍ରୀ ପଟ୍ଟନାୟକ, ପ୍ରସନ୍ନ ଶ୍ରୀଚନ୍ଦନ, ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ଉଲ୍ଲାସିନୀ ସାହୁ, ସରୋଜ ମାନଧାତା, ଉମାଶଙ୍କର ସାହୁ, ଶ୍ୟାମସୁନ୍ଦର ପ୍ରମୁଖ ନିର୍ବାଚିତ ହୋଇଥିଲେ। ଜିଲା ସଂଘକୁ ବ୍ଲକର ପ୍ରତିନିଧି ଭାବେ ଗୋପାଳ କିଶୋର ସେନ ମନୋନୀତ ହୋଇଛନ୍ତି।

### ଶ୍ମଶାନ ଜମି ବିବାଦ ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

**ଖୋର୍ଦ୍ଧା ଅଫିସ,୨୯।୧:** ଖୋର୍ଦ୍ଧା ପୌରାଞ୍ଚଳ ମୁକୁନ୍ଦପ୍ରସାଦ ଶ୍ମଶାନ ଜମିକୁ ନେଇ ବିବାଦ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ଦୀର୍ଘବର୍ଷ ଧରି ଦଖଲରେ ରହିଥିବା ଶ୍ମଶାନ ଜମିକୁ ଏକ ଘରୋଇ ସଂସ୍ଥା ନିଜ ଦଖଲ ନେବାକୁ ନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଶ୍ମଶାନ ଜମି ଦଖଲ ମୁକ୍ତ ଲାଗି ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ୧୯୬୨ ସେଟଲ୍ମେଣ୍ଟ ଅନୁଯାୟୀ ପ୍ଲଟ ନଂ.୨୨୮୭ ଖାତା ନଂ. ୭୮୮ରେ ଥିବା ୩.୯୧୫ ଏକର ଶ୍ମଶାନ ଜମି ଭାବେ ରେକର୍ଡ ରହିଛି। ଏହି ରେକର୍ଡଭୁକ୍ତ ଜମି ସ୍ପିନିଂ ମିଲ ଅକ୍ତିଆରରେ ରହିଛି। ଅନ୍ୟପଟେ ଏହାକୁ ଲାଗି ରହିଥିବା ଜମିକୁ ସ୍ଥାନୀୟ ବାସିନ୍ଦା ଦୀର୍ଘବର୍ଷ ଧରି ଶ୍ମଶାନ ଭାବେ ବ୍ୟବହାର କରି ଆସୁଛନ୍ତି। ସରକାର ଏହି ଜମିକୁ ଇଡ୍କୋ ହାତକୁ ଟେକି ଦେଇଛନ୍ତି। ଇଡ୍କୋ ଏହାକୁ ଘରୋଇ କମ୍ପାନୀକୁ ଲିଜ୍ ଦେଇଛି। ତେବେ ଲୋକଙ୍କ ଅକ୍ତିଆରରେ ରହିଥିବା ଏହି ଜମିକୁ ସଂସ୍ଥା ଦଖଲ ନେବାକୁ ନେଇ ବିବାଦ ମୁଣ୍ଡ ଟେକିଛି। ମୁକୁନ୍ଦପ୍ରସାଦ ବାସିନ୍ଦା ଶ୍ମଶାନ ଯୋଗାଇ ଦେବା ଲାଗି ଦାବି କରିଛନ୍ତି।

# ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ବାସନ୍ଦହରା

**ଖୋର୍ଦ୍ଧା ଅଫିସ,୨୯।୧**


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

■ ଜମି ହରାଇଲୁ, ଗ୍ରାମରୁ ବାସନ୍ଦ ହେଲୁ
■ ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ

ଟାଙ୍ଗୀ ଥାନା ଅଧୀନ ଜଗନ୍ନାଥପୁରପାଟଣା ଗ୍ରାମର ଏକ ପରିବାରକୁ ଗ୍ରାମରୁ ବାସନ୍ଦ ଓ ଜମି ଜବରଦଖଲ ଅଭିଯୋଗରେ ପୀଡ଼ିତା ପରିବାର ନ୍ୟାୟ ଦାବିରେ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନ୍ୟାୟ ଦାବିରେ ୮ଘଣ୍ଟା ଧରି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ଏହି ଗ୍ରାମରେ ଯମୁନା ବେଓ୍ୱାଙ୍କ ପରିବାର ରହୁଥିବା ଜମିକୁ ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ଜୋର ଜବରଦସ୍ତି ନିଜ ଅକ୍ତିଆରରେ ରଖିଛନ୍ତି। ଯମୁନାଙ୍କ ପରିବାରଙ୍କୁ ଆକ୍ରମଣ କରିବା ସହ ସେମାନଙ୍କୁ ଗାଁରୁ ବାସନ୍ଦ କରିଛନ୍ତି। ଉକ୍ତ ସ୍ଥାନକୁ ଫେରିଲେ, ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ସେମାନଙ୍କ ଭୟରେ ଯମୁନାଙ୍କ ପରିବାର ଗାଁ ମୁଣ୍ଡ ଗଛମୂଳେ ଜୀବନ ବିତାଉଛନ୍ତି। ଏନେଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ନିଜ ଜମି ଫେରି ପାଇବା ପାଇଁ ସ୍ଥାନୀୟ ପ୍ରଶାସନ ଠାରୁ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ନ୍ୟାୟ ଦାବିରେ ଶୁକ୍ରବାର ମଧ୍ୟାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଖବରପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା। ପ୍ରତିଶ୍ରୁତି ପରେ ରାତି ୭ଟାରେ ଧାରଣାରୁ ଓହରିଥିଲେ। ଏ ସମ୍ପର୍କରେ ସଦର ଏସ୍ଡିପିଓ ସୁଶିଲ ମିଶ୍ର କହିଛନ୍ତି, ମଙ୍ଗଳବାର ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ଉପସ୍ଥିତିରେ ତାଙ୍କ ଜାଗାର ଡିମେଗ୍ରେସନ ଲାଗି ଲିଖିତ ପ୍ରତିଶ୍ରୁତି ଦିଆଯାଇଛି। ଥାନାକୁ ଅଭିଯୋଗ କରିବାକୁ ଆସୁଥିବା ଅଭିଯୋଗକାରୀଙ୍କୁ ସହଯୋଗ କରବା ଲାଗି ସମସ୍ତଙ୍କୁ ତାଗିଦ୍ କରାଯାଇଛି। ପୋଲିସ ଲୋକଙ୍କ ସେବା ପାଇଁ ରହିଛି। ଏହି ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ଯମୁନା ବହୁ ବର୍ଷ ପୂର୍ବେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ନିଜ ଅଞ୍ଚଳରେ ଘଟୁଥିବା ବିଭିନ୍ନ ଘଟଣା, ଦୁର୍ଘଟଣାରେ ପୋଲିସକୁ ସହାୟତା କରୁଥିଲେ। ଏବେ ତାଙ୍କ ଦୁଃଖ ବୁଝିବାକୁ କେହି ନାହାନ୍ତି। ହାତରେ କାମଧନ୍ଦା ନାହିଁ। ପରିବାର ଚଳିବା କଷ୍ଟକର ହୋଇପଡିଛି। ପୈତୃକ ସମ୍ପତ୍ତିକୁ କେତେଜଣ ଗ୍ରାମବାସୀ ଜବରଦସ୍ତ ମାଡି ବସିଛନ୍ତି। ଜମିପଟ୍ଟା ନିଜ ନାମରେ ଥାଇ ଗଛମୂଳେ ଜୀବନ ବିତାଉଛୁ। ତେବେ ଆମ ଦୁଃଖ କେହି ଶୁଣୁନାହାନ୍ତି ବୋଲି ଯମୁନା କହିଛନ୍ତି।

## ଆକାଶୀ ଜଙ୍ଗଲରେ ନିଆଁ

**ବ୍ରହ୍ମଗିରି,୨୯।୧(ଡି.ଏନ.ଏ)**

ବ୍ରହ୍ମଗିରି ରେଞ୍ଜ ଅଧୀନ ବ୍ରହ୍ମଗିରି ଅଞ୍ଚଳରେ ଥିବା ଏକ ଆକାଶୀ ଜଙ୍ଗଲରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୪ ଏକର ଜଙ୍ଗଲ ଜଳିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳରେ ଥିବା ସତ୍ୟପ୍ରିୟ ପାତ୍ରଙ୍କ ୪ ଏକର ଆକାଶୀ ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ସେଠାରେ କାର୍ଯ୍ୟ କରୁଥିବା ଏହି କଥା ଜାଣିବା ପରେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ପୋଲିସ ଓ ସତ୍ୟପ୍ରିୟଙ୍କୁ ଜଣାଇଥିଲେ। ଖବରପାଇ ବ୍ରହ୍ମଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ ନିଆଁ ଲାଗିବାର କାରଣ ଜଣାପଡି ନାହିଁ।

# ମହିଳା ଉଦ୍ୟୋଗୀ, ଏସ୍ଏଚ୍ଜିଙ୍କୁ ଦିଆଯିବ ତାଲିମ

**ଖୋର୍ଦ୍ଧା ଅଫିସ,୨୯।୧**


ସମୀକ୍ଷା ବୈଠକରେ ଜିଲାପାଳ ସନତ ମହାନ୍ତି ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ମମତା ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ମହିଳା ଓ ଶିଶୁବିକାଶ କାର୍ଯ୍ୟକ୍ରମକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏହି କାର୍ଯ୍ୟର ତ୍ୱରାନ୍ୱିତ ଲାଗି ଜିଲାପାଳ ତାଗିଦ୍ କରିଥିଲେ। ଅଙ୍ଗନୱାଡି କେନ୍ଦ୍ର ସୁପରିଚାଳନା, ସୁରକ୍ଷିତ ଗୃହରେ ଚାଲିବା, ସେଠାରେ ପାନୀୟଜଳ ତଥା ଅନ୍ୟାନ୍ୟ ସୁବିଧା ଉପଲବ୍ଧ ଉପରେ ଗୁରୁତ୍ୱ ଦିଆଯାଇଛି। ମା' ଓ ଶିଶୁର ଟିକାକରଣ କାର୍ଯ୍ୟର ସୁପରିଚାଳନା, ଘର ନ ଥିବା ଅଙ୍ଗନୱାଡିର ଗୃହ ନିର୍ମାଣ ଲାଗି ଜାଗା ଚିହ୍ନଟ, ନିର୍ମାଣ ପାଇଁ କାର୍ଯ୍ୟାଦେଶ, ନିର୍ମାଣାଧୀନ କେନ୍ଦ୍ରଗୁଡିକ ତୁରନ୍ତ ସାରିବାକୁ ସିଡିପିଓଙ୍କୁ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଥିଲେ। ବିଦ୍ୟାଳୟଗୁଡିକରେ ପର୍ଯ୍ୟାପ୍ତ ଜାଗା ଥିଲେ ସେଠାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯିବ। ସମସ୍ତ କେନ୍ଦ୍ରରେ ସ୍ୱଚ୍ଛତା ଏବଂ ଆଦର୍ଶ କେନ୍ଦ୍ର ଗଠନ ଉପରେ ଗୁରୁତ୍ୱ ଦିଆଯାଇଛି। ଯେଉଁ କେନ୍ଦ୍ରରେ ପାଚେରି ଏବଂ ପାଣି ସୁବିଧା ଅଛି, ସେଠାରେ ମୋ ପୋଖରୀ ଯୋଜନାରେ ସବୁଜ ପରିବେଶ ସୃଷ୍ଟି କରାଯିବ। ମିଶନ ଶକ୍ତି ପକ୍ଷରୁ ପ୍ରତ୍ୟେକ ବ୍ଲକରେ ମିଶନ ଗୃହ ନିର୍ମାଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୪୧ଟି ଗୃହ ନିର୍ମାଣ ସରିଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଏବଂ ମହିଳା ଉଦ୍ୟୋଗୀଙ୍କୁ ଦକ୍ଷତା ବିକାଶ ଏବଂ ପ୍ରଶିକ୍ଷଣ ଦିଆଯିବ। ମମତା ଯୋଜନାରେ ମା' ଓ ଶିଶୁଙ୍କ ଟିକାକରଣ ଉପରେ ଆଲୋଚନା ହୋଇଥିଲା। ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ଅନୁଷ୍ଠିତ ହୋଇଥିବା କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ବେଟୀ ବଚାଓ ବେଟୀ ବଢାଅ କାର୍ଯ୍ୟକ୍ରମ ତ୍ୱରାନ୍ୱିତ, କନ୍ୟା ସନ୍ତାନଙ୍କ ଉପଯୁକ୍ତ ଯତ୍ନ, ବାଲ୍ୟବିବାହକୁ ରୋକିବା ନେଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଲାଗି ଜିଲାପାଳ ମହାନ୍ତି କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଉପଜିଲାପାଳ ଅଶୋକ ବେହୁରିଆ, ଦେବବ୍ରତ ସାହୁ, ଜିଲା ସମାଜମଙ୍ଗଳ ଅଧିକାରୀ ତନିମା ମିଶ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଜୀବନ ଆଚାର୍ଯ୍ୟ, ସିଡିପିଓ ବାଣିଶ୍ରୀ ପଟ୍ଟନାୟକ, ମିଶନ ଶକ୍ତି ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଚାଷୀଙ୍କ ଅଭିଯୋଗ ଶୁଣିଲେ ଭାଜପା ପ୍ରତିନିଧି

**ଖୋର୍ଦ୍ଧା ଅଫିସ,୨୯।୧**

ଖୋର୍ଦ୍ଧା ଜିଲାରେ ଖରିଫ ଧାନକିଣାରେ ବ୍ୟାପକ ଅନିୟମିତତା ଚାଲିଛି। ଧାନମଣ୍ଡିରେ ଚାଷୀଙ୍କୁ ଅଖା ଦିଆଯାଉନାହିଁ। ମଣ୍ଡିରେ ଧାନ ରଖିବା ଲାଗି କୌଣସି ବ୍ୟବସ୍ଥା ନାହିଁ। ଧାନକୁ ଜଗି ରହିଛନ୍ତି ଚାଷୀ। ଏ ପର୍ଯ୍ୟନ୍ତ ଅନେକ ଚାଷୀଙ୍କୁ ଟୋକନ ଦିଆଯାଇନାହିଁ। ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ନିର୍ଦ୍ଧାରିତ ତାରିଖରେ ଧାନ କିଣାଯିବା ପରିବର୍ତ୍ତେ ଛୁଟି ଦିନରେ ଧାନ କିଣାଯାଉଛି। ଚାଷୀଙ୍କ ଠାରୁ ୩ରୁ ୫କେଜି ଧାନ କଟାଯାଉଛି। ଚାଷୀଙ୍କ ସହ ଆଲୋଚନା ପରେ ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମହେଶ୍ୱର ସାହୁ ଏଭଳି ଅଭିଯୋଗ ଆଣିଛନ୍ତି। ଶୁକ୍ରବାର ସାହୁଙ୍କ ନେତୃତ୍ୱରେ ଏକ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧା ବ୍ଲକର ଛତିପୁର ଏବଂ କଁପୁର ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀଙ୍କୁ ତୁରନ୍ତ ଟୋକନ ବ୍ୟବସ୍ଥା ଲାଗି ରାଜ୍ୟ କୃଷକମୋର୍ଚ୍ଚା ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ବିଶ୍ୱଜିତ ସ୍ୱାଇଁ, ଲକ୍ଷ୍ମୀକାନ୍ତ ମିଶ୍ର, ମାନସ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ପାଠପଢ଼ା ସମୟରେ ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୨୯।୧**

**ଦିନକ ପୂର୍ବରୁ କୁଷ୍ଠ ସଚେତନତା ପକ୍ଷ ପାଳନ**

ଜାନୁୟାରୀ ୮ରୁ ବିଦ୍ୟାଳୟରେ ଦଶମ ଶ୍ରେଣୀ ପିଲାଙ୍କ ପାଠପଢା ଆରମ୍ଭ ହୋଇଛି। ପିଲାଙ୍କ ପାଠପଢା ସମୟରେ କୌଣସି ସରକାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ ନାହିଁ ବୋଲି ଗଣଶିକ୍ଷାବିଭାଗ ପକ୍ଷରୁ ଏସ୍ଓପି ଜାରି କରାଯାଇଛି। ୧୦୦ ଦିନିଆ ପାଠ୍ୟକ୍ରମକୁ ଆଖି ଆଗରେ ରଖି ସରକାର ନିଷ୍ପତ୍ତି ନେଇଛନ୍ତି। ଖୋର୍ଦ୍ଧା ଶିକ୍ଷା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶୁକ୍ରବାର ପୂର୍ବାହ୍ନରେ ସରକାରୀ ବାଳିକା ହାଇସ୍କୁଲରେ ପାଠପଢ଼ା ସମୟରେ ଛାତ୍ରୀଙ୍କୁ ନେଇ ସ୍କୁଲ ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ପର୍ଶ କୁଷ୍ଠ ସଚେତନତା ପକ୍ଷ ପାଳନ କରାଯାଇଥିଲା। ପ୍ରାୟ ୩୦ମିନିଟ୍ ଖରାରେ ଛାତ୍ରୀମାନେ ପୋଷ୍ଟର, ବ୍ୟାନର, ଲିଫଲେଟ ଧରି ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସ୍କୁଲ ମୁଖ୍ୟ ଫାଟକ ଭିତରୁ ବନ୍ଦ କରି ଏହି କାର୍ଯ୍ୟକ୍ରମ ଆୟୋଜନ ଚାଲିଥିଲା। କେହି ଜାଣିବା ପୂର୍ବରୁ ଜିଲା ସ୍ୱାସ୍ଥ୍ୟ ସମିତିର କେତେଜଣ ଅଧିକାରୀ ଫଟୋ ଉଠାଇ ଏହି କାର୍ଯ୍ୟକ୍ରମ ସାରିଦେଇଥିଲେ। ସୂଚନାଥାଉ କି, ଜାନୁୟାରୀ ୩୦ରୁ ଫେବୃୟାରୀ ୧୪ ପର୍ଯ୍ୟନ୍ତ କୁଷ୍ଠ ସଚେତନତା ପକ୍ଷ ପାଳନ କରାଯାଇଥାଏ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କେ. ଆଚାର୍ଯ୍ୟ କୁହନ୍ତି, ପୂର୍ବରୁ କୌଣସି ସୂଚନା ନଦେଇ ହଠାତ୍ ପହଞ୍ଚି କାର୍ଯ୍ୟକ୍ରମ ଆୟୋଜନ ଲାଗି କହିଥିଲେ। ଅନ୍ୟପଟେ ଡିଇଓ ବନ୍ଦନା ମହାପାତ୍ର କହିଛନ୍ତି, ପିଲାଙ୍କ ପାଠପଢ଼ା ବ୍ୟାହତ ନ ହେବା ପାଇଁ ସମସ୍ତ କାର୍ଯ୍ୟକ୍ରମଠାରୁ ସେମାନଙ୍କୁ ଦୂରେଇ ରଖାଯାଇଛି। କାହା ଅନୁମତିରେ ପ୍ରଧାନ ଶିକ୍ଷୟିତ୍ରୀ ଏହାକୁ ପ୍ରୋତ୍ସାହିତ କରିଥିଲେ ତାହାର ତଦନ୍ତ କରାଯିବ ବୋଲିସେ କହିଛନ୍ତି।




# ନକଲି ଚାଷୀଙ୍କ ନାମରେ ଅର୍ଥ ଆତ୍ମସାତ

**ଖୋର୍ଦ୍ଧା ଅଫିସ,୨୯।୧**

**ଅଙ୍ଗରାପଡ଼ା ସେବା ସମବାୟ ସମିତି**
■ କୁଇଣ୍ଟାଲ ପିଛା ୩ କେଜି କଟାଯାଉଛି
■ ନୀରବଦ୍ରଷ୍ଟା ସାଜିଛି ଯୋଗାଣ ବିଭାଗ

ଚଳିତବର୍ଷ ଖରିଫ ଧାନକିଣାରେ ଖୋର୍ଦ୍ଧା ଜିଲାରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ଉଠିଛି। ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିବା ଧାର୍ଯ୍ୟ ବାରରେ ମଣ୍ଡିରେ ଧାନ କିଣାଯିବାକୁ ନେଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଛୁଟିଦିନରେ ତଥା ତା'ପରଦିନ କିଣାଯାଉଛି। ସମିତି ସମ୍ପାଦକ, ମିଲର୍ସଙ୍କ ସହ ଯୋଗାଣ ବିଭାଗର କେତେଜଣ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ କାରବାର ଚାଲିଛି ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ପ୍ରକୃତ ଚାଷୀ ଧାନ ବିକ୍ରି କରିପାରୁ ନ ଥିବା ବେଳେ ମଣ୍ଡିରେ ନକଲି ଚାଷୀଙ୍କ ଠାରୁ ଶତାଧିକ କୁଇଣ୍ଟାଲ ଧାନ କିଣାଯାଉଛି। ଏଭଳି ଅଭିଯୋଗ ଆଣିଛନ୍ତି ଜଟଣୀ ବ୍ଲକର ଅଙ୍ଗରାପଡ଼ା ଗ୍ରାମବାସୀ। ଏହି ଗ୍ରାମର ସେବା ସମବାୟ ସମିତିରେ ଧାନ କିଣାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଏକାଧିକ ଚାଷୀ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଅନାବାଦୀ, ରକ୍ଷିତ, ରକ୍ଷିତ ଅନାବାଦୀ ଖାତାର ପ୍ଲଟ ଗୋଚର ପୁରାତନ ପତିତ, ବଗାୟତ, ଗ୍ରାମ୍ୟ ଜଙ୍ଗଲ ପାଇଁ ସଂରକ୍ଷିତ ଜମିକୁ ଶାରଦ ୧,୨,୩ ଏବଂ କେନାଲ ନ ଥିବା ମୌଜାରେ କେନାଲ ଥିବା ଦର୍ଶାଇ ଶତାଧିକ କୁଇଣ୍ଟାଲ ଧାନ କିଣାଯାଇଛି। ବିଲ୍ଡର, ବିଭିନ୍ନ ସଂସ୍ଥାକୁ ବିକ୍ରି ସରିଥିବା ଜମିକୁ ଚାଷଜମି ଦର୍ଶାଇ ବେପାରୀଙ୍କ ଧାନକୁ ନକଲି ଚାଷୀଙ୍କ ନାମରେ ଦର୍ଶାଇ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଛି। କିଣାଯାଇଥିବା କେତେଜଣ ଚାଷୀଙ୍କ ଦର୍ଶାଯାଇଥିବା ଖାତା, ପ୍ଲଟ ନମ୍ବରରେ କୌଣସି ତାଳମେଳ ରହୁ ନାହିଁ। ଗୋଚର, ଅନାବାଦୀ, ଗ୍ରାମ୍ୟ ଜଙ୍ଗଲ ଜମିକୁ ଚାଷଜମିରେ କିଣାଯାଇଥିବା କେତେଜଣ ଚାଷୀଙ୍କ ନାମରେ ଅଭିଯୋଗରେ ଉଲ୍ଲେଖ ରହିଛି। ପଞ୍ଜୀକୃତ ଚାଷୀ ଏ ପର୍ଯ୍ୟନ୍ତ ଧାନ ବିକ୍ରି କରିପାରି ନ ଥିବା ବେଳେ ନକଲି ଚାଷୀମାନେ ଦୁଇ ତିନି ଥର ଧାନ ବିକ୍ରି କରିସାରିଲେଣି। ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩କେଜି ଧାନ କଟାଯାଉଛି। ଏନେଇ ଯୋଗାଣ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣାର ତଦନ୍ତ କରାଗଲେ ସତ ପଦାକୁ ଆସିବ ବୋଲି ଚାଷୀମାନେ କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ କରାଯିବ ବୋଲି ଜିଲାପାଳ ସନତ ମହାନ୍ତି କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମଧୁସ୍ମିତା


@ ରଶ୍ମିତା


@ ଜଟାଧାରୀ


@ ନବାନତା


@ ନିରଞ୍ଜନ


@ ମହମ୍ମଦ ଯୁବେର


@ ଦୀପ୍ତିମୟ


@ ସଂଗ୍ରାମ